**ସଂକ୍ଷେପରେ**

## ଜିଲା ମହୋତ୍ସବ ପାଇଁ ୩ରେ ସାଂସ୍କୃତିକ ଦଳ ଚୟନ

ଯାଜପୁର ଟାଉନ,୩୦।୧
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) :

ଯାଜପୁର ଜିଲା ମହୋତ୍ସବ ଯଯାତି ପାଇଁ ସାଂସ୍କୃତିକ ଦଳ ଚୟନ ପ୍ରକ୍ରିୟା ଆସନ୍ତା ୩ ତାରିଖରେ ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ପୂର୍ବାହ୍ନ ୧୦ ଟାରେ ଅନୁଷ୍ଠିତ ହେବ। ତେଣୁ ଜିଲାର ଇଚ୍ଛୁକ ଥିବା ସାଂସ୍କୃତିକ ଦଳଗୁଡ଼ିକ ନିଜ ଅନୁଷ୍ଠାନର ନାମ, କେଉଁ ପ୍ରକାର ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିବେ ତା'ର ନାମ ପତ୍ର ମାଧ୍ୟମରେ ଆସନ୍ତା ୧ ତାରିଖ ସୁଦ୍ଧା ଜିଲା ସଂସ୍କୃତି ବିଭାଗରେ ପେଠ କରିବାକୁ ଅନୁରୋଧ କରାଯାଇଛି। ମୋଟ ୧୬ ସାଂସ୍କୃତିକ ଦଳ ମହୋତ୍ସବ ପାଇଁ ଚୟନ କରାଯିବ। ମହୋତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ୪ ଦଳ ସାଂସ୍କୃତିକ ନୃତ୍ୟ ପରିବେଷଣ କରିବେ। ସାଂସ୍କୃତିକ ନୃତ୍ୟ ସଙ୍ଗୀତର ସମୟ ସୀମା ୭ ମିନିଟ ରହିବ। ସାଂସ୍କୃତିକ ଦଳଗୁଡ଼ିକ ନିଜ ନିଜର ସଙ୍ଗୀତ ପେନଡ୍ରାଇଭରେ ଆଣିବାକୁ ଅନୁରୋଧ କରାଯାଇଛି।

# ଟ୍ରାଫିକ୍ ନିୟନ୍ତ୍ରଣ ବୈଠକର ସୁଫଳ ମିଳୁନି



ବ୍ୟାସନଗର ସହରରେ ଟ୍ରାଫିକ୍ ଜାମ୍।

ଯାଜପୁରରୋଡ୍,୩୦।୧
(ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ସହରରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ଏବଂ କାରଖାନା କର୍ତ୍ତୃପକ୍ଷଙ୍କ ମଧ୍ୟରେ ବାରମ୍ବାର ବୈଠକ ହେଉଛି। ହେଲେ ଏହାର ସୁଫଳ ମିଳି ପାରୁନାହିଁ। ଫଳରେ ସହରରେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଚୋରଦା

**ସମସ୍ୟାକୁ ଦ୍ୱିଗୁଣିତ କରୁଛି ରାସ୍ତା ପ୍ରଶସ୍ତୀକରଣ**

ଛକଠାରୁ ଚୋରଦା ବାଇପାସ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗର ୪୨୦ ମିଟର ଚାଲିଥିବା ରାସ୍ତା କାର୍ଯ୍ୟ ସମସ୍ୟାକୁ ଦ୍ୱିଗୁଣିତ କରୁଛି। ଉକ୍ତ ରାସ୍ତାଟି ପୂର୍ବରୁ ପିଚୁ ଥିବାବେଳେ ବର୍ତ୍ତମାନ ଢଳେଇ କାର୍ଯ୍ୟ କରାଯାଇ ପ୍ରଶସ୍ତୀକରଣ କରାଯାଉଛି। ହେଲେ ରାସ୍ତା ଉପରେ ଥିବା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକୁ ରାସ୍ତା କଡ଼ରୁ ଉଠିବାର ଅଟକଳ ଥିଲେ ମଧ୍ୟ ତାହା କରାଯାଉନାହିଁ, ଯଦ୍ୱାରା ରାସ୍ତାଟି ବହୁ ସ୍ଥାନରେ ସଂକୁଚିତ ହୋଇରହିଛି। ଏହି ଟ୍ରାଫିକ ସମସ୍ୟାର କେବେ ସମାଧାନ ହେବ ତା'ର ଉତ୍ତର କାହାପାଖରେ ନାହିଁ। କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖ୍ୟଦ୍ୱାର ବ୍ୟାସନଗର ସହର ହୋଇଥିବାରୁ ଏଠାରେ ବହୁ ସଂଖ୍ୟାରେ ଶିଳ୍ପାଞ୍ଚଳରେ କାର୍ଯ୍ୟ କରୁଥିବା କର୍ମଚାରୀ ବସବାସ କରୁଛନ୍ତି। ସେମାନଙ୍କୁ ନେବା ଆଣିବା କାର୍ଯ୍ୟରେ ଶହେରୁ ଅଧିକ ବସ ନିୟୋଜିତ ହୋଇଛି। ଏହି ବସଗୁଡ଼ିକ ୩ ସିଫ୍ଟରେ କର୍ମଚାରୀଙ୍କୁ ନେବା ଆଣିବା କରୁଛନ୍ତି। ଫଳରେ ସହର ମଧ୍ୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ବସ ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା ଦ୍ୱାରା ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଏହାର ସମାଧାନ ପାଇଁ ସହରର ବିଭିନ୍ନ ଗଣ ସଂଗଠନ ପକ୍ଷରୁ ଜିଲା ପ୍ରଶାସନ ନିକଟରେ ବହୁବାର ଦାବି କରାଯାଇଥିଲା। ଏହାପରେ ଜିଲା ପ୍ରଶାସନ ନିର୍ଦ୍ଦେଶରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ, ଯାଜପୁରରୋଡ୍ ପୋଲିସ ଓ କାରଖାନା କର୍ତ୍ତୃପକ୍ଷଙ୍କ ସହ ବହୁବାର ବୈଠକ ହୋଇଥିଲେ ମଧ୍ୟ ଫଳ ଶୂନ୍ୟ ରହିଛି। ଯଥାଶୀଘ୍ର ଜିଲା ପ୍ରଶାସନ ଉକ୍ତ ସମସ୍ୟାର ନିରାକରଣ ପାଇଁ ଦୃଷ୍ଟିଦେବାକୁ ସହରବାସୀ ଦାବି କରିଛନ୍ତି। ଜିଲା ପ୍ରଶାସନ ସମସ୍ୟାକୁ ଗୁରୁତ୍ୱ ଦେଇ ସମାଧାନ ନ କଲେ ଆଗାମୀ ଦିନରେ ସହରବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଭବାନୀଶଙ୍କର



@ କୃଷ୍ଣଚନ୍ଦ୍ର



@ ରାହୁଲ



@ ସମର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜ୍ୟସ୍ତରୀୟ ମହାବୀର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

ବ୍ରହ୍ମବରଦା,୩୦।୧
(ଯଯାତି କେଶରୀ ବେହେରା):

ରସୁଲପୁର ବ୍ଲକ ଅଧୀନ ଅତଲାପୁର ପଞ୍ଚାୟତ ବାଲିପାଟଣା ପଞ୍ଚବଟୀ କ୍ରିକେଟ ଖେଳ ପଡ଼ିଆରେ ୩୨ତମ ରାଜ୍ୟସ୍ତରୀୟ ମହାବୀର କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ସୁଶାନ୍ତ କୁମାର ପୃଷ୍ଟି ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଯାଜପୁର ମାଟିଆପଡ଼ା ଓ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଦ୍ରକ ଦଳକୁ ପରାସ୍ତ କରି ମାଟିଆପଡ଼ା କ୍ରିକେଟ ଟିମ୍ ବିଜୟ ଲାଭ କରିଥିଲା। ଭଦ୍ରକ ଟିମ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୭ ଉଇକେଟ ହରାଇ ୮୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅମିନ ଖାନ ୫୩ ରନ କରିଥିଲେ। ବିପକ୍ଷ ଦଳର ବୋଲର ଟୋନୁ ସାହୁ ୨ ଉଇକେଟ ନେଇଥିଲେ। ଜବାବରେ ମାଟିଆପଡ଼ା କ୍ରିକେଟ ଟିମ ୮.୨ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ରନ କରି ବିଜୟଲାଭ କରିଥିଲା। ଦଳ ପକ୍ଷରୁ ପିଣ୍ଟୁ ଦାସ ୫୬ ରନ କରିଥିବାବେଳେ ବିପକ୍ଷ ଦଳର ବୋଲର ସୋନୁ ଖାନ ୨ ଉଇକେଟ ନେଇଥିଲେ। ଖେଳକୁ ଅମ୍ପାୟର ଶ୍ରୀକାନ୍ତ ସାହୁ ଓ ମାନସରଞ୍ଜନ ସାହୁ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଅମିତ ସାହୁ ଓ ଶ୍ରୀକାନ୍ତ ଦାସ, ସ୍କୋରର ଭାବେ ହେମନ୍ତ ସାହୁ ଓ ଜନ୍ମେଜୟ ସାହୁ ସହଯୋଗ କରିଥିଲେ। ହୃଷୀକେଶ ସାହୁ, ସଂଗ୍ରାମ ସାହୁ, ଟୁଟୁ ସାହୁ, ବିକି ସାହୁ, କୁମାର ନିଶାନ୍ତ ପୃଷ୍ଟି, ଏମ୍‌ଡି ମହମ୍ମଦ, କିରଣ କୁମାର ସାହୁ ଓ ଜୟପ୍ରକାଶ ମଲ୍ଲିକଙ୍କ ସମେତ ମହାବୀର କ୍ରିକେଟ ଟିମର ସମସ୍ତ ସଭ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ଅଲ୍‌ଟ୍ରାସାଉଣ୍ଡ ରିପୋର୍ଟକୁ କେନ୍ଦ୍ରକରି ଉତ୍ତେଜନା

ଯାଜପୁର ଟାଉନ,୩୦।୧
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

**ମୃତ ଶିଶୁ ନେଇ ଡାଇଗ୍ନୋଷ୍ଟିକ୍ ସେଣ୍ଟର, ଡାକ୍ତରଙ୍କ ମଧ୍ୟରେ ଦୋଷାରୋପ**

ଯାଜପୁର ସହରରେ ଥିବା ଏହି ଡାଇଗ୍ନୋଷ୍ଟିକ୍ ସେଣ୍ଟରର ରିପୋର୍ଟକୁ ନେଇ ସ୍ଥାନୀୟ ଅଞ୍ଚଳରେ ଗଣ୍ଡଗୋଳ ଓ ଉତ୍ତେଜନା ପ୍ରକାଶ ପାଇଛି। ଜଣେ ପ୍ରସବ ମହିଳାଙ୍କ ମୃତ ଶିଶୁ ଜନ୍ମ ହେବାକୁ ନେଇ ଉଭୟ ଡାଇଗ୍ନୋଷ୍ଟିକ ସେଣ୍ଟର ଓ ଡାକ୍ତରଙ୍କ ମଧ୍ୟରେ ପରସ୍ପରକୁ ଦୋଷାରୋପ କରାଯାଇଥିବା ଯାଜପୁର ଥାନାରେ ଲିଖିତ ଏତଲା ଦାଏର ହୋଇଛି।

ଅଭିଯୋଗ ମୁତାବକ, ଦଶରଥପୁର ଥାନା ମେରଦା ଅଞ୍ଚଳର ଏସ୍‌କେ ସୋନୱାଙ୍କ ସ୍ତ୍ରୀ ରିଜୱାନା ପରବିନ୍ ଗର୍ଭବତୀ ଥିବାବେଳେ ରୟାଲ ମେଡିକେୟାର ନର୍ସିଂହୋମ୍‌ରେ ଡାକ୍ତର ବିପିନ ବିହାରୀ ପଣ୍ଡାଙ୍କ ପାଖରେ ଚିକିତ୍ସିତ ହେଉଥିଲେ। ଗତ ୨୭ ତାରିଖରେ ରିଜ୍‌ୱାନାଙ୍କ ପ୍ରସବବେଦନା ହେବାରୁ ତାଙ୍କୁ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଥିଲା। ୨୯ ତାରିଖରେ ଡାକ୍ତର ଅଲ୍‌ଟ୍ରାସାଉଣ୍ଡ କରିବା ପାଇଁ ପରାମର୍ଶ ଦେବାପରେ ସେକ୍ ସୋନୱା ତାଙ୍କ ସ୍ତ୍ରୀଙ୍କେ ନେଇ ଏକ ଡାଇଗ୍ନୋଷ୍ଟିକ ସେଣ୍ଟରରେ ଅଲ୍‌ଟ୍ରାସାଉଣ୍ଡ କରାଇଥିଲେ। ଅଲ୍‌ଟ୍ରାସାଉଣ୍ଡ ପରେ ଡାକ୍ତର ରିପୋର୍ଟ ଠିକ୍‌ଥିବାର କହିବାରୁ ନର୍ସିଂ ହୋମ୍‌ରେ ଆଡ୍‌ମିସନ୍ କରାଇଥିଲେ। ଏହାପରେ ରାତିପ୍ରାୟ ୧୧ଟା୩୦ରେ ଅପରେସନ୍ ପରେ ଏକ ମୃତ ସନ୍ତାନ ଜନ୍ମ ହୋଇଥିଲା। ଏ ସବୁ ଠିକ୍ ଥିବାର କଥା ଡାକ୍ତର ପଣ୍ଡା କହିବା ପରେ କାହିଁକି ଶିଶୁ ମୃତ ଭାବେ ଜନ୍ମ ହେଲା ତା'କୁ ନେଇ ସୋନୱା ଡାକ୍ତରଙ୍କୁ ପ୍ରଶ୍ନ କରିଥିଲେ। ଏହାପରେ ସନ୍‌ଡାଇଗ୍ନୋଷ୍ଟିକ ସେଣ୍ଟର ରିପୋର୍ଟ ଭୁଲ୍ ଥିବା ଏବଂ ପିଲା ମା' ପେଟରେ ପାଣି ଅଭାବରୁ ୨୪ ଘଣ୍ଟା ଆଗରୁ ମରିସାରିଛି ବୋଲି ଡାକ୍ତର କହିଥିଲେ। ଏକଥା ଶୁଣିବା ପରେ ରିଜୱାନାଙ୍କ ପରିବାର ସମ୍ପୃକ୍ତ ଡାଇଗ୍ନୋଷ୍ଟିକ ସେଣ୍ଟର କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ରିପୋର୍ଟ ସମ୍ପୂର୍ଣ୍ଣ ଠିକ୍ ଅଛି ଏବଂ ଡାକ୍ତର ପଣ୍ଡାଙ୍କ ଅବହେଳାରୁ ଶିଶୁ ମୃତ ହୋଇ ଜନ୍ମହେଲା ବୋଲି କହିଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ସମ୍ପୃକ୍ତ ଡାଇଗ୍ନୋଷ୍ଟିକ ସେଣ୍ଟର ବନ୍ଦ କରି କର୍ମଚାରୀମାନେ କୁଆଡେ ଚାଲିଯାଇଥିବା ଦେଖିବାକୁ ମିଳିଥିଲା। ପ୍ରସବ ମହିଳା ରିଜ୍‌ୱାନା ପରବିନ୍ ଓ ପରିବାର ଲୋକେ ଡାଇଗ୍ନୋଷ୍ଟିକ ସେଣ୍ଟରରେ ହୋହଲ୍ଲା କରିବା ସହ ଏହାକୁ ବନ୍ଦ କରି ଧାରଣା ଦେଇଥିଲେ। ଯାଜପୁର ପୋଲିସ ପହଞ୍ଚି ଉତ୍ତେଜନାକୁ ପ୍ରସମିତ କରିଥିଲା। ଏହାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଏନେଇ ସମ୍ପୃକ୍ତ ଡାକ୍ତର ଓ ନର୍ସିଂହୋମ୍ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ବ୍ୟାସନଗରରେ ମା' ବିରଜାଙ୍କ ସ୍ୱନକ୍ଷତ୍ର ଉତ୍ସବ

ଯାଜପୁରରୋଡ୍,୩୦।୧
(ପବିତ୍ର ରଞ୍ଜନ ମହାନ୍ତି):

ତ୍ରିବେଣୀ ଅମାବାସ୍ୟା ଅବସରରେ ମା'ବିରଜାଙ୍କ ୪ର୍ଥ ସ୍ୱନକ୍ଷତ୍ର ଦିବସ ବ୍ୟାସନଗରରେ ପାଳିତ ହୋଇଯାଇଛି। ମୁଖ୍ୟ ପୂଜକ କୈଳାସ ଚନ୍ଦ୍ର ଦାସ ଓ ସହଯୋଗୀଙ୍କ ଦାରା ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପ୍ରାତଃ ସମୟରୁ ଗୋପୂଜା, ସୂର୍ଯ୍ୟପୂଜା, ଷୋଡଶ ଉପଚାର ପୂଜା ଏବଂ ଚଣ୍ଡିପାଠ କରାଯାଇଥିଲା। ସହରର ବହୁ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଆଶିଷ ଭିକ୍ଷା କରିଥିଲେ। ସନ୍ଧ୍ୟାରେ ନାମ ସଂକୀର୍ତ୍ତନ, ପ୍ରବଚନ ଏବଂ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର କମିଟି ସଭାପତି ନିତ୍ୟାନନ୍ଦ ମହାଲିକ, କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ପାଢୀ, ଉପଦେଷ୍ଟା ଚନ୍ଦ୍ରମଣି ସାମଲ, ନିରଞ୍ଜନ ବିଶ୍ୱାଳ, ଲମ୍ବୋଦର ମଲ୍ଲିକ, କାମଦେବ ଦାସ, ବିଷ୍ଣୁ ଚରଣ ପଟ୍ଟନାୟକ, ବିଜୟ ବରାଳ, ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ସହସମ୍ପାଦକ ଭାଗ୍ୟଧର ମହାରଣା, କୋଷାଧ୍ୟକ୍ଷ ରେମେଶ ଚନ୍ଦ୍ର କାଣ୍ଡି, ବୀରକିଶୋର ସାହୁ, ସୁରେନ୍ଦ୍ର ନାୟକ, ଦିଲୀପ କୁମାର ମହାନ୍ତି, ସ୍ମୃତିରଞ୍ଜନ ପଣ୍ଡା, ଶ୍ରୀମନ୍ତ ସାହୁ ଓ ୪ନଂ ୱାର୍ଡର କାଉନସିଲର ରଶ୍ମିତା ଖୁଣ୍ଟିଆ ସହଯୋଗ କରିଥିଲେ। କର୍ତ୍ତା ବିମାନ ଚରଣ ଆଏଚ ଓ ତାଙ୍କ ସହ ଧର୍ମିଣୀ ପୂଜା କାର୍ଯ୍ୟ ତୁଲାଇଥିଲେ।

# ଓଡ଼ିଶା ଷ୍ଟେଟ୍ ବ୍ରିଗେଡ୍ ସ୍କୁଲର ବାର୍ଷିକୋତ୍ସବ

ଧର୍ମଶାଳା,୩୦।୧ (ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବଜାର ନିକଟ ଓଡ଼ିଶା ଷ୍ଟେଟ୍ ବ୍ରିଗେଡ୍ ସ୍କୁଲର ୮ମ ବାର୍ଷିକ ଉତ୍ସବ ପରିଚାଳନା କମିଟି ସଭାପତି ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତାଭାବେ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି, ଅତିଥିଭାବେ ବିଜୟ କୁମାର ଶତପଥୀ, ପୁରୋଷତ୍ତମ ବିଶ୍ୱାଳ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ଶିକ୍ଷା ପାଇଁ ପରାମର୍ଶ ଦେଇଥିଲେ। ସାମାଜିକ କର୍ମୀ ମାଧୁରୀ ଶତପଥୀ, ମିନତି ସାହୁ, ସରପଞ୍ଚ ସୁମିତ୍ରା ସ୍ୱାଇଁ, ମୁଖ୍ୟ ପରିଚାଳିକା ଇତିଶ୍ରୀ ବେହେରାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସାଇପ୍ରଭା ନାୟକ ବେଦପାଠ କରିଥିବାବେଳେ ସ୍କୁଲର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସ୍କୁଲ୍ ଉପଦେଷ୍ଟା ପ୍ରମୋଦ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନଶିକ୍ଷକ ରତ୍ନାକର ନାୟକ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ପରିଚାଳନା କମିଟି ସମ୍ପାଦକ ଗୋପୀନାଥ ଦଳାଇ ଧନ୍ୟବାଦ ଦେଇଥିଲେ।

# ସେଣ୍ଟ ଜାଭିୟର ସ୍କୁଲର ବାର୍ଷିକ ଉତ୍ସବ

ଯାଜପୁରରୋଡ୍,୩୦।୧
(ପବିତ୍ର ରଞ୍ଜନ ମହାନ୍ତି):



ଅତିଥି ଜଣେ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ବ୍ୟାସନଗର ଦଳାସ୍ଥିତ ସେଣ୍ଟ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲର ୧୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କେଜିଆଇର ଚେୟାରମ୍ୟାନ ଇଂ. ଆଲେକଜାଣ୍ଡାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଏମ୍‌ଏଚ୍‌ଆରଡିର ପୂର୍ବତନ ୟୁନିୟନ ସେକ୍ରେଟାରୀ ଅରୁଣ କୁମାର ରଥ, ସମ୍ମାନିତ ଅତିଥି ଭାବରେ ଜେଆଇଏସ ୟୁନିଭରସିଟିର ପ୍ରୋ–ଚ୍ୟାନସେଲର ପ୍ରଫେସର ନିରଜ ସକ୍ସେନା ଯୋଗ ଦେଇଥିଲେ। ବର୍ତ୍ତମାନ ସମୟରେ ଛାତ୍ରୀଛାତ୍ରଙ୍କୁ କେବଳ ପାଠପଢ଼ା ପାଇଁ ଚାପ ପ୍ରୟୋଗ ନ କରି, ସିଲାବସ ପରି ପଞ୍ଜୁରୀରେ ବାନ୍ଧି ନ ରଖି ମୁକ୍ତ କରିବା ନିମନ୍ତେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜାତୀୟ ଶିକ୍ଷାନୀତି ୨୦୨୦ର ଥିମ ଲର୍ନ, ଅନ ଲର୍ନ, ରି ଲର୍ନ ଉପରେ ପର୍ଯ୍ୟବେକ୍ଷିତ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାରୁ ସ୍କୁଲର ପଦକ୍ଷେପକୁ ଅତିଥି ଭୂୟସୀ ପ୍ରଶଂସା କରିଥିଲେ। କେଜିଆଇର ମୁଖ୍ୟ ଉପଦେଷ୍ଟା ରଞ୍ଜନ କୁମାର ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସାମଗ୍ରୀକ ବିକାଶ ପ୍ରତି ଗୁରୁତ୍ୱ ଦେବା ନିମନ୍ତେ ଅଭିଭାବକଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲର ନବମ ଶ୍ରେଣୀ ଛାତ୍ର ଯଶରାଜ ମହାନ୍ତିଙ୍କୁ ଷ୍ଟୁଡେଣ୍ଟ ଅଫ ଦି ୟିଅର ଭାବରେ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ପ୍ରତ୍ୟେକ ଶ୍ରେଣୀର ଟପ୍ପର ଛତ୍ରୀଛାତ୍ର ଏବଂ ବିଗତ ବର୍ଷ ଦଶମ ଶ୍ରେଣୀରେ ଟପ୍ପର ହୋଇଥିବା ଆୟୁଷ ପଣ୍ଡା ଓ ରୁକସାର୍ ନାସରିନ ଏବଂ ତାଙ୍କ ଅଭିଭାବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ କରାଟେରେ ଓଡ଼ିଶାରୁ ଜାତୀୟସ୍ତରରେ ପ୍ରତିନିଧି କରୁଥିବା ସ୍କୁଲର ଛାତ୍ରୀ ଆର୍ଯ୍ୟସୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲ ଅଧ୍ୟକ୍ଷ ଦେବାଶିଷ ଦାସ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସିରାଜ ଅଲ୍ଲୀ ଏବଂ ଶର୍ମିଳା ସୁପ୍ରିୟା ଜେନା ସଭା ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶାଶ୍ୱତୀ ପ୍ରିୟଦର୍ଶିନୀ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# କଳିଙ୍ଗନଗର ସ୍ପୋର୍ଟ୍ସ ଏକାଡେମୀ ବିଜେତା

**ସିଏମ୍ ଟ୍ରଫି ଜିଲା ଆନ୍ତଃ କ୍ଲବ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଯାପିତ**

ଯାଜପୁର ଟାଉନ,୩୦।୧
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):



ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

ଯାଜପୁର ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଫୁଟବଲ ଆସୋସିଏସନ୍ ଅଫ ଓଡ଼ିଶା ପୃଷ୍ଠପୋଷକତାରେ ବ୍ୟାସନଗରସ୍ଥିତ ଷ୍ଟାଡିୟମରେ ଚାଲୁଥିବା ୧୫ବର୍ଷରୁ କମ ସିଏମ ଟ୍ରଫି ଆନ୍ତଃ କ୍ଲବ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଳିଙ୍ଗନଗର ସ୍ପୋର୍ଟ୍ସ ଏକାଡେମୀ ବିଜେତା ଓ ବାଘୁଆପାଳ ଏଫ୍‌ସି ଉପବିଜେତା ହୋଇଛି। ଫାଇନାଲ ମ୍ୟାଚ୍ କଳିଙ୍ଗନଗର ସ୍ପୋର୍ଟ୍ସ ଏକାଡେମୀ ଓ ବାଘୁଆପାଳ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ୨ ଦଳ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। କଳିଙ୍ଗନଗର ସ୍ପୋର୍ଟ୍ସ ଏକାଡେମୀ ତରଫରୁ ୪୬ ମିନିଟରେ କୁନା ମାଝୀ ପ୍ରଥମ ଗୋଲ ଦେଇଥିବାବେଳେ ଖେଳର ୬୬ ମିନିଟରେ ଚମ୍ପାଇ ଗାଗରାଇ ଗୋଲ ଦେଇ ଖେଳକୁ ସମାନ ସ୍ତରରେ ପହଞ୍ଚାଇଥିଲେ। ଅତିରିକ୍ତ ସମୟରେ କଳିଙ୍ଗନଗର ସ୍ପୋର୍ଟ୍ସ ଏକାଡେମୀର ରସିକ ପିଙ୍ଗୁଆ ୭୪ମିନିଟରେ ଏବଂ କୁନା ମାଝୀ ୭୮ ମିନିଟରେ ଗୋଲ ଦେଇ ୩–୦୧ ଗୋଲରେ ଦଳକୁ ବିଜୟ ଭେଟି ଦେଇଥିଲେ। ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ସମ୍ବିତ ମହାନ୍ତି, କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି, ସହସମ୍ପାଦକ ବିଏସ୍‌କେ ସାମଲ, ନିରଞ୍ଜନ ପୃଷ୍ଟି ଏବଂ ଅନ୍ୟ ସଦସ୍ୟ ବୃନ୍ଦ ଉପସ୍ଥିତ ରହି ଖେଳକୁ ସୁଚାରୁରୂପେ ସମାପନ କରିଥିଲେ। ଶିବ ଡାଙ୍ଗିଲ, ମୁନ୍‌ମୁନ୍ ସୀମାତ, ଦୁଃଖବନ୍ଧୁ ମାଝୀ, ପୁରୁଷୋତ୍ତମ ହାଁସଦା, ଓ ରାମ ବାଲାଇ ବେଶ୍ରା ରେଫରି ଭାବେ ଖେଳ ପରିଚାଳନା କରିଥିଲେ।

# ତେରଗାଁ ବ୍ରହ୍ମ ଅମଣିଆ ମଠ, ୩ ପଥରରେ ପୂଜା ପାଆନ୍ତି ଠାକୁର

## ବାନ୍ଧକୁଦରେ ମା’ ବ୍ରାହ୍ମଣୀ ରୂପେ ବିରାଜିତ

ମହାକାଳପଡ଼ା, ୩୦।୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଉତ୍କଳୀୟ କଳାକୃତିର ଅନନ୍ୟ ଧର୍ମାନୁଷ୍ଠାନ, ମଠ ମନ୍ଦିରଗୁଡ଼ିକୁ ବିଧର୍ମୀ କଳାପାହାଡ଼ ଭାଙ୍ଗିରୁଜି ଦେଇଥିଲା। ପୁରୁଷୋତ୍ତମ ଶ୍ରୀକ୍ଷେତ୍ର ପୁରୀରୁ ଚତୁର୍ଦ୍ଧା ମୂର୍ତ୍ତି ଦାରୁଦିଅଁଙ୍କୁ ଉଠାଇ ନେଇ କଳାପାହାଡ଼ ପଶ୍ଚିମବଙ୍ଗକୁ ପଳାଇଥିଲା। ସେଠାରେ ଗଙ୍ଗାନଦୀ କୂଳରେ ଦାରୁଦିଅଁଙ୍କୁ ପୋଡ଼ି ଦେବାକୁ ଉଦ୍ୟମ କରିଥିଲେ। ଏହି ସମୟରେ କଳାପାହାଡ ଶରୀର ଜଳାପୋଡ଼ା ହେବାରୁ ବାଧହୋଇ ଅଧା ପୋଡ଼ା ଅବସ୍ଥାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଛାଡ଼ି ଉକ୍ତ ସ୍ଥାନରୁ ପଳାୟନ କରିଥିଲା ବୋଲି ଇତିହାସରୁ ଜଣାଯାଏ। ଏହି ସମୟରେ ଗୋପନରେ କିଛିଦୂରରେ ଥିବା ପ୍ରଭୁଙ୍କ ଭକ୍ତ ବିଷର ମହାନ୍ତି ଅଧା ପୋଡ଼ା ଚତୁର୍ଦ୍ଧା ମୂର୍ତ୍ତିରୁ ଯତ୍ନର ସହ ବ୍ରହ୍ମକୁ କାଢ଼ି ନିଜ ମୃଦଙ୍ଗ ଭିତରେ ରଖିଥିଲେ। ବିଷର ଛଦ୍ମ ବେଶରେ କଲିକତା-ପୁରୀ ମୁଖ୍ୟ ପଥରେ ନିଜକୁ ଅସୁରକ୍ଷିତ ମଣିଥିଲେ। ପଶ୍ଚିମବଙ୍ଗରୁ ବଙ୍ଗୋପସାଗର ସମୁଦ୍ର କୂଳେ କୂଳେ ଘଞ୍ଚ ଜଙ୍ଗଲରେ ପଦଯାତ୍ରା କରି ଭଜନ, ଜଣାଣ ଗାନ କରି କନିକାରେ ପହଞ୍ଚି ଥିଲେ। ପରେ ପଟ୍ଟାମୁଣ୍ଡାଇ କଖାରୁଣୀ ଗ୍ରାମରେ ରାତିରେ ବିଶ୍ରାମ ନେଇଥିଲେ। ବିଷର ମହାନ୍ତି ଯେଉଁଠି ବିଶ୍ରାମ ନେଇଥିଲେ, ସେହିଦିନଠାରୁ କଖାରୁଣୀ ଗ୍ରାମରେ ପ୍ରଭୁ ଜଗନ୍ନାଥଙ୍କ ମନ୍ଦିରରେ ୩ ଠାକୁର ପୂଜା ପାଉଛନ୍ତି। ପରେ ମହାକାଳପଡ଼ାର ଲୁଣା ନଦୀ ସଂଲଗ୍ନ ସାମନ୍ତସିଂହାରପୁର-ତେରଗାଁଠାରେ ଅମଣିଆ ମଠରେ ବିଷର ବ୍ରହ୍ମକୁ ନେଇ ରଖିଥିଲେ। ସେବେଠାରୁ ତେରଗାଁ ବ୍ରହ୍ମ ଅମଣିଆ ମଠରେ ଖୋଲା ଆକାଶ ତଳେ ପଥର ରୂପେ ୩ ଠାକୁର ପୂଜା ପାଉଥିବା ଦେଖିବାକୁ ମିଳେ। ଏଠାରେ ମୁଖ୍ୟତଃ ଦୋଳପୂର୍ଣ୍ଣିମାରେ ବଡ଼ ଉତ୍ସବ ପାଳନ କରାଯାଏ ବୋଲି ଗ୍ରାମର ମୁରବି ହରିହର ଦାସଙ୍କ ସମେତ ଅଞ୍ଚଳର ଲୋକ କହିଛନ୍ତି। ଏହି ଅଞ୍ଚଳଟି କୁଜଙ୍ଗ ଷଣ୍ଢ ବଂଶୀୟ ରାଜାଙ୍କ ଅଧୀନରେ ଥିଲା। ତେରଗାଁ ଓ ସାମନ୍ତସିଂହାରପୁର ଗ୍ରାମରେ ଅମଣିଆ ମଠ ପାଇଁ ରାଜା ଦେଢ଼ ବାଟି ଜମି ଖଞ୍ଜି ଦେଇଥିଲେ। ଏବେ ବି କୁଜଙ୍ଗ ଏଣ୍ଡାଓମେଣ୍ଟ କାର୍ଯ୍ୟାଳୟରୁ ଗ୍ରାମର ଭାଗ ଚାଷୀମାନେ ଜମି ପାଉତି କାଟୁଥିବା କୁହାଯାଇଛି। ବିଷର ଏହି ଅମଣିଆ ମଠରେ ଅବସ୍ଥାନ ପରେ ଭୋରରୁ ଯଦୁପୁର-ନଳଦିଆ ଗହୀର ପାଟ ଦେଇ ଖୁରୁଶିଆ-ବାନ୍ଧକୁଦଠାରେ ବ୍ରହ୍ମକୁ ମହାନଦୀ ସଂଲଗ୍ନ ଏକ ଘଞ୍ଚ ବୃକ୍ଷ ମୂଳେ ରଖି ପୂଜାର୍ଚ୍ଚନା କରିଥିଲେ। ଉକ୍ତ ଦିନଠାରୁ ଖୁରୁଶିଆ ବାନ୍ଧକୁଦଠାରେ ଗୁପ୍ତରେ ବ୍ରହ୍ମ ଅନନ୍ତକୁ ପୂଜା କରିଥିବାରୁ ଉକ୍ତ କ୍ଷେତ୍ରର ନାମ ମା’ ବ୍ରାହ୍ମଣୀ ରୂପେ ଦେବୀ ପୂଜା ପାଉଛନ୍ତି। ମା’ ବ୍ରାହ୍ମଣୀଙ୍କ ପୀଠରେ ପୋଡ଼ା ମାଛ ଭୋଗ ହୁଏ। ବର୍ଷରେ ବାର ପର୍ବ ସହ ତେର ଯାତ ହୋଇଥାଏ। ଏଥିସହ ମୁଖ୍ୟତଃ ଝାମୁଯାତ୍ରାରେ ଗହଳି ଲାଗିଯାଏ ବୋଲି ମୁଖ୍ୟ ସେବାୟତ ରଞ୍ଜନ କୁମାର ପଣ୍ଡା କହିଛନ୍ତି। ମା’ଙ୍କ ପାଇଁ ଷଣ୍ଢ ରାଜା ୨ ବାଟିରୁ ଅଧିକ ଚାଷ ଜମି ଖଞ୍ଜିଥିଲେ। ଏହି ଅଞ୍ଚଳରେ ମା’ ବ୍ରାହ୍ମଣୀ ପ୍ରତ୍ୟକ୍ଷ ଚଳନ୍ତି ଦେବୀ ରୂପେ ଦର୍ଶନ ଦିଅନ୍ତି ବୋଲି ବରିଷ୍ଠ ମୁରବି, ଶ୍ରଦ୍ଧାଳୁମାନେ କହିଛନ୍ତି। ପରେ କୁଜଙ୍ଗ ଷଣ୍ଢ ବଂଶୀୟ ରାଜା ଖବରପାଇ ଗଡ଼ କୁଜଙ୍ଗକୁ ବ୍ରହ୍ମକୁ ନେବା ପାଇଁ ଶରଣାପନ୍ନ ହୋଇଥିଲେ। ବିଷର ମହାନ୍ତି କୁଜଙ୍ଗକୁ ବ୍ରହ୍ମକୁ ନେଇ ପ୍ରଥମେ ମହାବୀର ମନ୍ଦିରରେ ରଖିଥିଲେ। ସେବେଠାରୁ ସ୍ୱୟଂ ‘ବ୍ରହ୍ମ ଅନନ୍ତ’ ବିରାଜିତ ପରେ ପ୍ରାଚୀନ ପବିତ୍ର ସ୍ଥାନର ନାମ (ଅନନ୍ତପୁର ବା କୁଜଙ୍ଗ)ରେ ପ୍ରଭୁ କୁଞ୍ଜବିହାରୀ ରୂପେ ବିରାଜିତ। ଏ ହେଉଛି ଉତ୍କଳୀୟ ଜଗନ୍ନାଥ ସଂସ୍କୃତି ପରମ୍ପରା ଭାବାବେଗ ସହିତ ଓଡ଼ିଆଙ୍କ ଆରାଧ୍ୟ ଦେବତା ଦାରୁଦିଅଁ ଶ୍ରୀବଳଭଦ୍ର, ମା’ ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ଇତିହାସ। ପରେ ପୁରୀ ରାଜା ଖବରପାଇ ଦାରୁଦିଅଁଙ୍କୁ ନେବା ବ୍ୟବସ୍ଥା କରିଥିଲେ ବୋଲି ଜନଶ୍ରୁତିରୁ ଶୁଣିବାକୁ ମିଳେ। ଉକ୍ତ ପବିତ୍ର ଦୁଇଟି ତୀର୍ଥ କ୍ଷେତ୍ରର ବିକାଶ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ ପ୍ରମୁଖ ଦାବି କରିଛନ୍ତି।




ଲୁଣାନଦୀ କୂଳ ତେରଗାଁ-ସାମନ୍ତସିଂହାରପୁର ମୌଜାରେ ବିରାଜିତ ବ୍ରହ୍ମ ଅମଣିଆ ମଠରେ ୩ ପଥରରେ ପୂଜା ପାଉଛନ୍ତି ଚତୁର୍ଦ୍ଧା ମୂର୍ତ୍ତି। ବାନ୍ଧକୁଦ ମୌଜାରେ ବିରାଜିତ ମା’ ବ୍ରାହ୍ମଣୀ ଦେବୀଙ୍କ ମନ୍ଦିର।

# ଗ୍ରାମସଭାରେ ଚଞ୍ଚକତା ଅଭିଯୋଗ

## ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୋଧରେ ଜିଲାପାଳଙ୍କୁ ଦାବିପତ୍ର

ରାଜକନିକା, ୩୦।୧ (ସଞ୍ଜୟ କୁମାର ଦାଶ)

ରାଜକନିକା ପଞ୍ଚାୟତ ସମିତିର ତରାସ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜୟନ୍ତ କୁମାର ପରିଡ଼ାଙ୍କ ବିରୋଧରେ ପଞ୍ଚାୟତବାସୀଙ୍କ ପକ୍ଷରୁ ବୁଧବାର ରାଜକନିକା ବିଡିଓଙ୍କ ଜରିଆରେ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଅଭିଯୋଗ ପ୍ରଦାନ କରାଯାଇଛି। ସରକାରଙ୍କ ପକ୍ଷରୁ ଗତ ୨୬ ତାରିଖରେ ସମସ୍ତ ଗ୍ରାମପଞ୍ଚାୟତସ୍ତରୀୟ ଗ୍ରାମସଭା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଉକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସରକାରୀ ନିର୍ଦ୍ଦେଶକୁ ଫୁ କରି କୌଣସି ଗ୍ରାମସଭା ନ କରି ନିଜ ଇଚ୍ଛାରେ ବେଆଇନ ଭାବେ କର୍ଯ୍ୟ କରୁଛନ୍ତି। ତେବେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିବା ସହ ବେଆଇନ ଗ୍ରାମସଭାକୁ ଅସିଦ୍ଧ ଘୋଷଣା କରି ପୁଣି କରିବାକୁ ନିର୍ଦ୍ଦେଶ ଦେବାକୁ ଜିଲାପାଳଙ୍କୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଏହି ଦାବି ପଞ୍ଚାୟତର ଦୋଳଗୋବିନ୍ଦ ନାୟକ, ରାକେଶ କୁମାର ନାୟକ, ରବିନାରାୟଣ ନାୟକ, ଗୋପବନ୍ଧୁ ନାୟକ, ସନ୍ଦୀପ କୁମାର ରାଉତ, ବସନ୍ତ କୁମାର ନାୟକ, ଦେବଜ୍ୟୋତି ଜେନା, ବିଶ୍ୱଜିତ ବିଶ୍ୱାଳ, କାହ୍ନୁ ଚରଣ ମଲିକ, ଭରତ ଚନ୍ଦ୍ର ବାରିକ ଓ ସତ୍ୟଜିତ ନାୟକଙ୍କ ସମେତ ପଞ୍ଚାୟତବାସୀ ପ୍ରମୁଖ ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓଙ୍କୁ ଭେଟି ଅଭିଯୋଗ ପ୍ରଦାନ କରିଛନ୍ତି। ଘଟଣାର ତୁରନ୍ତ ସମାଧାନ କରା ନ ଗଲେ ବିଭାଗୀୟ ସଚିବ ଓ ମନ୍ତ୍ରୀଙ୍କୁ ଭେଟି ଅଭିଯୋଗ କରିବେ ବୋଲି ଭରତ ଚନ୍ଦ୍ର ବାରିକ ଚେତାବନୀ ଦେଇଛନ୍ତି।



ବିଡିଓଙ୍କୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦିଆଯାଉଛି।

# ଗାନ୍ଧିଜୀଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହୁଅ



ଗାନ୍ଧୀ ସ୍ମୃତି ପୀଠରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ।

## ବାରିମୂଳ ଗାନ୍ଧୀ ସ୍ମୃତିପୀଠରେ ଗାନ୍ଧିଜୀଙ୍କ ମହାପ୍ରୟାଣ ଦିବସ

ଡେରାବିଶ, ୩୦।୧ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡା ଜିଲା ଡେରାବିଶ ବ୍ଲକ ବାରିମୂଳସ୍ଥିତ ଗାନ୍ଧୀ ସ୍ମୃତିପୀଠରେ ଗୁରୁବାର ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଉତ୍ସବରେ ଆବାହକ ଆଇନଜୀବୀ ପ୍ରତାପ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବିଇଓ ଶ୍ରୀକାନ୍ତ ବେହେରା, ମୁଖ୍ୟବକ୍ତା ଶିକ୍ଷାବିତ୍ ପ୍ରଣବ କୁମାର, କେନ୍ଦ୍ରୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିବ ରଞ୍ଜନ ସାହୁ, ବାରିମୂଳ ପୂର୍ବତନ ସରପଞ୍ଚ ଶୁଦ୍ଧଦେବ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ରିଟିଶ କବଳରୁ ପରାଧୀନ ଭାରତକୁ ମୁକ୍ତ କରିବାକୁ ଗାନ୍ଧିଜୀଙ୍କ ସଂଗ୍ରାମ ସମଗ୍ର ବିଶ୍ୱକୁ ଦୋହଲାଇ ଦେଇଥିଲା। ବିଶେଷ କରି କେନ୍ଦ୍ରାପଡା ଜିଲାକୁ ୧୯୩୪ ମେ ୩୦ରେ ଗାନ୍ଧିଜୀଙ୍କ ଐତିହାସିକ ପଦଯାତ୍ରା କରିଥିଲେ। ବାରିମୂଳର ଗୋବରୀ ନଦୀକୂଳରେ ରହିଥିବା ପଡ଼ିଆରେ ଅନୁଷ୍ଠିତ ସମାବେଶରେ ଗାନ୍ଧିଜୀ ଭାରତ ସ୍ୱାଧୀନ ପାଇଁ ଦେଇଥିବା ଓଜସ୍ୱିନୀ ବକ୍ତବ୍ୟ ଆଜି ବି ଲୋକଙ୍କ ମାନସପଟରୁ ଲିଭିନାହିଁ। ଉତ୍ସବରେ ଏବିଇଓ ଦେବଦତ୍ତ ଶତପଥୀ, ସାମାଜିକ କର୍ମୀ ପ୍ରସନ୍ନଜିତ ମହାନ୍ତି, ଶିକ୍ଷକ ଗିରିଧାରୀ ପାତ୍ର ଅନ୍ୟତମ ଅତିଥିମାନେ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଗାନ୍ଧିଜୀଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ କରିଥିଲେ। ଗାନ୍ଧିଜୀଙ୍କ ଜୀବନୀ ଉପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାର ଶ୍ରେଷ୍ଠ ବିବେଚିତ ପିଲାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ସ୍ମୃତି କମିଟି ଆବାହକ ମହାପାତ୍ରଙ୍କ ନେତୃତ୍ୱରେ ପ୍ରଭାତ ଫେରି ଅନୁଷ୍ଠିତ ହେବା ସହ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଭବାନୀଶଙ୍କର



@ କୃଷ୍ଣଚନ୍ଦ୍ର



@ ରାହୁଲ



@ ସମର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦୁହିତା ପୁସ୍ତକ ଉନ୍ମୋଚିତ, କବିତା ପାଠୋତ୍ସବ

ପଟ୍ଟାମୁଣ୍ଡାଇ, ୩୦।୧ (କଳ୍ପତରୁ ନାୟକ)

ଓଡ଼ିଆ ଭାଷାର ଅସ୍ମିତା ସମ୍ପର୍କରେ ଆଲୋଚନାଚକ୍ର, ପୁସ୍ତକ ‘ଦୁହିତା’ ଉନ୍ମୋଚନ ଓ କବିତା ପାଠୋତ୍ସବ କଥାକାର ପ୍ରଫେସର ଡ. ନୀଳମଣି ଲେଙ୍କାଙ୍କ ପୌରୋହିତ୍ୟରେ ବଡ଼ମୋହନପୁରଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କବି ଡା. ମନୋରଞ୍ଜନ ଦାଶ ମୁଖ୍ୟଅତିଥି, ମୁଖ୍ୟବକ୍ତା ପରିବେଶବିତ୍ ହେମନ୍ତ ରାଉତ, ସତୀର୍ଥ ସମ୍ପାଦକ ମନ୍ମଥ ବରାଳ, କବୟିତ୍ରୀ ଆରାଧନା ଦାଶ, ରବୀନ୍ଦ୍ର ବେହେରା, ସୁଶ୍ରୀ ସଙ୍ଗୀତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କବୟିତ୍ରୀ ଚାରୁଲତା ଭୂୟାଁଙ୍କ ସମ୍ପାଦିତ ଦୁହିତା ପୁସ୍ତକକୁ ଉନ୍ମୋଚନ କରିଥିଲେ। କବି ନରେଶ ମଲିକଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠ ଉତ୍ସବରେ ବହୁ କବି କବୟିତ୍ରୀ ଯୋଗଦେଇ କବିତା ପାଠ କରିଥିଲେ।

# ନାବାଳିକା ଗର୍ଭବତୀ ମାମଲାରେ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

କେନ୍ଦ୍ରାପଡ଼ା, ୩୦।୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅଞ୍ଚଳର ଜଣେ ନାବାଳିକା ଗର୍ଭବତୀ ହେବା ମାମଲା (ନଂ. ୪୫୫/୨୩)ଗୁରୁବାର ଫଇସଲା ହୋଇଛି। ଆଡହକ ଆଡିଶନାଲ ସେସନ୍ସ ଜଜ୍ ତ୍ରିବିକ୍ରମ କେଶରୀ ଚିହ୍ନରା ଏହି ପୋକ୍‌ସୋ ମାମଲାର ଶୁଣାଣି କରି ସମ୍ବଲପୁର ଜିଲା କେଶିଙ୍ଗା ଥାନା କାଞ୍ଚନପୁର ଗ୍ରାମର ପ୍ରଦୀପ କିଶନଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଜରିମାନା ବାବଦ ୫୦ ହଜାର ଟଙ୍କା ଅନାଦାୟରେ ୧ ବର୍ଷ ଜେଲ ହେବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ପୀଡ଼ିତା ନାବାଳିକାଙ୍କୁ ଜିଲା ଆଇନ ସେବା ପ୍ରାଧିକରଣ ୪ ଲକ୍ଷ ଟଙ୍କା ପ୍ରଦାନ ପାଇଁ ରାୟରେ ବ୍ୟବସ୍ଥା କରିଛନ୍ତି। ଏ ସମ୍ପର୍କରେ ମାମଲା ପରିଚାଳନାକାରୀ ସ୍ପେଶାଲ ପିପି ଆଇନଜୀବୀ ମନୋଜ ସାହୁ କହିଛନ୍ତି, ପ୍ରଦୀପ କିଶାନ ୨୦୨୩ ମସିହାରେ ନାବାଳିକାଙ୍କ ଗ୍ରାମରେ ରହି ଇଟା କାମ କରୁଥିଲେ। ଏହି ସମୟରେ ନାବାଳିକାଙ୍କୁ କୌଶଳକ୍ରମେ ଫସାଇ ସମ୍ପର୍କ ରଖିଥିଲେ। ଫଳରେ ପୀଡ଼ିତା ଗର୍ଭବତୀ ହୋଇଥିଲେ। ଏହି ଘଟଣା ମେଡିକାଲ ଚେକ୍ ଅପ୍‌ରେ ଜଣାପଡ଼ିବା ପରେ ପୀଡ଼ିତାଙ୍କ ମା’ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ୨୦୨୩ ଅଗଷ୍ଟ ୧୪ ରେ ପ୍ରଦୀପଙ୍କୁ ଗିରଫ କରିଥିବା ଆଇନଜୀବୀ ସାହୁ ସୂଚନା ଦେଇଛନ୍ତି।

# ଦିଲ୍ଲୀରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରି ଗୌରବ ଆଣିଲେ ଐଶ୍ୱର୍ଯ୍ୟାରାଣୀ

ରାଜକନିକା, ୩୦।୧ (ସଞ୍ଜୟ କୁମାର ଦାଶ)



କେନ୍ଦ୍ରାପଡ଼ା ଜିଲା ରାଜକନିକା ମାଟିର ଗର୍ବ ଓ ଗୌରବ ପଣସଗଣ୍ଡ ଗାଁର ସୁବାସ ସାମଲ ଓ ସୁବାସିନୀ ସାମଲଙ୍କ ନାତୁଣୀ ଐଶ୍ୱର୍ଯ୍ୟାରାଣୀ ନାୟକ ୭୬ତମ ସାଧାରଣତନ୍ତ୍ର ଦିବସ ଅବସରରେ ଦିଲ୍ଲୀରେ ଆୟୋଜିତ ନ୍ୟାଶନାଲ ପରେଡରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରି ରାଜକନିକା, ଓଡ଼ିଶାକୁ ଦିଲ୍ଲୀ ଦରବାରରେ ଗୌରବାନ୍ୱିତ କରିଛନ୍ତି। ସେ ଉଜାଙ୍ଗ ଗାଁର ଅମୂଲ୍ୟଙ୍କ ଝିଅ। ଏହି ଖବର ପ୍ରଚାରିତ ହେବାପରେ ତାଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ କାମନା କରି ଶୁଭେଚ୍ଛାର ଶୁଅ ଛୁଟିଥିବା ଜଣାପଡ଼ିଛି।

# ସମୁଦ୍ରରେ ଧରାପଡ଼ିଲା ୨ଟନ୍ ୨୦କେଜି ମାଛ

## ମାଛ ଓଜନ ସମ୍ଭାଳି ନ ପାରି ୨ ଡଙ୍ଗା ଟଳମଳ

ମହାକାଳପଡ଼ା, ୩୦।୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ଲକ୍ ମତ୍ସ୍ୟ ଅବତରଣ କେନ୍ଦ୍ର ବା ଜେଟିରେ ୨ଟି ଡଙ୍ଗାରୁ ୨ ଟନ୍ ୨୦ କେଜି ମାଛ ଧରା ପଡ଼ିଛନ୍ତି। ଏତେ ସଂଖ୍ୟକ ମାଛ ଜାଲରେ ପଡ଼ିବାରୁ ଡଙ୍ଗା ସମୁଦ୍ରରେ ଟଳମଳ ହୋଇଥିଲା। ମତ୍ସ୍ୟଜୀବୀମାନେ ଏହି ଡଙ୍ଗାକୁ କୌଶଳକ୍ରମେ କୂଳକୁ ଆଣିଥିଲେ। ଜେଟିରେ ଜାଲରୁ ମାଛଙ୍କୁ ଛଡ଼ାଇବାକୁ ମତ୍ସ୍ୟଜୀବୀମାନଙ୍କୁ ଦୀର୍ଘ ସମୟ ଲାଗିଥିଲା। ଏମାନଙ୍କ ଭିତରୁ ଜଣେ ମତ୍ସ୍ୟଜୀବୀଙ୍କ କହିବା କଥା, ଅମାବାସ୍ୟା ପୂର୍ବଦିନ କୋହଲା ପାଗ ସାଙ୍ଗକୁ ଦକ୍ଷିଣା ପବନ ବହିଥିଲା। ଫଳରେ ଏତେ ପରିମାଣର ମାଛ ପଡ଼ିଥିଲେ। ଏହି ମାଛକୁ ଦେଖି ମତ୍ସ୍ୟଜୀବୀମାନେ ବେଶ୍ ଖୁସି ହୋଇଛନ୍ତି। ଏହି ଓଲଟି ପ୍ରଜାତିର ମାଛ କିଲୋ ପ୍ରତି ୨ ଶହରୁ ୩ ଶହ ଟଙ୍କା ଓ ସମୁଦ୍ର ଟାଇଗର ଚିଙ୍ଗୁଡ଼ି କିଲୋ ପ୍ରତି ୧ ହଜାରରୁ ଦେଢ଼ ହଜାର ଟଙ୍କାରେ କୋଲକାତା ବଜାରରେ ବିକ୍ରି ହୋଇଥାଏ। ସ୍ଥାନୀୟ ମାଛ ବ୍ୟବସାୟୀ ଟ୍ରକ୍ ଯୋଗେ ଏହି ମାଛକୁ କୋଲକାତା ଚାଲାଣ କରିଛନ୍ତି।

ସୂଚନାଯୋଗ୍ୟ, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଜଳବାୟୁ ଜୀବଜନ୍ତୁ, ବିରଳ ପ୍ରଜାତିର ମାଛକୁ ଆକୃଷ୍ଟ କରିଥାଏ। ସେଥିପାଇଁ ଶୀତ ଋତୁ ପ୍ରାରମ୍ଭରୁ ଅଲିଭ୍ ରିଡ଼ଲେ କଇଁଛ, ହର୍ସୁ କ୍ରାବ୍, ବିଭିନ୍ନ ପ୍ରଜାତିର ଡଲଫିନ, ସାର୍କ ଭଳି ଭିନ୍ନ ଭିନ୍ନ ପ୍ରଜାତିର ସମୁଦ୍ର ଟାଇଗର ଚିଙ୍ଗୁଡ଼ି ସମେତ ମାଛ ଅନେକ ମାଇଲି ସମୁଦ୍ର ପଥ ଅତିକ୍ରମ କରି ଏଠାକୁ ନିଜର ବଂଶ ବିସ୍ତାର କରିବାକୁ ଚାଲି ଆସନ୍ତି। କାରଣ ଏହି ସ୍ଥାନ ମଧୁର ମିଶ୍ରିତ ଜଳ ଓ ଲୁଣି ପାଣିର ସଙ୍ଗମ ସ୍ଥଳରେ ବଂଶ ବିସ୍ତାର ପାଇଁ ପ୍ରକୃଷ୍ଟ ଜଳବାୟୁ। ହେଲେ ଗହୀରମଥା ଓ ଆଖପାଖ ସାମୁଦ୍ରିକ ଅଞ୍ଚଳରେ ବଡ଼ ବଡ଼ ଟ୍ରଲର, ଗିଲେଟିଂ ବୋଟ ଗାଞ୍ଜି ଜାଲରେ ଛନ୍ଦି ହୋଇ ଅକାଳରେ ସେମାନଙ୍କ ଜୀବନ ଯାଉଛି। ଫଳରେ ବଂଶ ବିସ୍ତାରରେ ବେଆଇନ ଟ୍ରଲର, ବୋଟ ଚଳାଚଳ ବାଧକ ସାଜିଛନ୍ତି।



ସାମୁଦ୍ରିକ ଓଲଟି ପ୍ରଜାତିର ମାଛକୁ ମତ୍ସ୍ୟଜୀବୀ ଜାଲରୁ ଝାଡୁଛନ୍ତି।

# ଗାନ୍ଧୀ ଶ୍ରାଦ୍ଧ ଉତ୍ସବରେ ମନେପଡ଼ନ୍ତି ରଘୁ

ରାଜକନିକା, ୩୦।୧ (ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ୍ ଜାଗୁଲାଇପଡ଼ାରେ ଥିବା ଗାନ୍ଧୀ ଏବଂ ଗାନ୍ଧୀଙ୍କ ସେବକ ରଘୁ ନାୟକଙ୍କ ମିଳିତ ପ୍ରତିମୂର୍ତ୍ତିରେ ଅତିଥିମାନେ ବୁଧବାର ଶ୍ରାଦ୍ଧ ବାର୍ଷିକରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତି ଚାରଣ କରିଛନ୍ତି। ଜାଏମାଳବ ନୋଡ଼ାଲ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଛାତ୍ରୀଛାତ୍ର ଏବଂ ସ୍ମୃତି କମିଟି ପକ୍ଷରୁ ଗାନ୍ଧିଜୀଙ୍କ ପ୍ରିୟ ଭଜନ ରଘୁପତି ରାଘବ ରାଜା ରାମକୁ ଛାତ୍ରୀ ଜିଜ୍ଞାସା ନାୟକ, ଶୁଭଲକ୍ଷ୍ମୀ ବାରିକ, ମଧୁସ୍ମିତା ବାରିକ, ପ୍ରତିଭା ପଢିହାରୀ ଗାନ କରିବା ସହ ପ୍ରତିମୂର୍ତ୍ତିରେ ଧୂପ, ଦୀପ ଏବଂ ଚନ୍ଦନ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ବିଆର୍‌ସିସି କୈଳାସ ଚନ୍ଦ୍ର ସାହୁ, ସିଆର୍‌ସିସି ସଞ୍ଜୟ ବଳ, ଅବସରପ୍ରାପ୍ତ ସିଆର୍‌ସିସି ମୀନକେତନ ନାୟକ, ଜାଏମାଳବ ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ସାହୁ, ଶିକ୍ଷୟିତ୍ରୀ ନିର୍ମଳା କୁମାରୀ ଦାସ, ମମତା ଦାସ, ସ୍ନିଗ୍ଧାମୟୀ ନାୟକ ଓ ଦୀପାରାଣୀ ସେଠୀ, ଦେବାଶିଷ ସାହୁ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରଘୁଙ୍କ ବୀରତ୍ୱ ଆଜିର ସମୟରେ ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବ। ରଘୁଙ୍କ ଜୀବନ କାହାଣୀ ଆଗାମୀ ପିଢି ପାଇଁ ପ୍ରେରଣାଦାୟୀ ହେବ ବୋଲି ମତବ୍ୟକ୍ତ କରିଥିଲେ। ଗାନ୍ଧୀଙ୍କୁ ହତ୍ୟାର ଏକମାତ୍ର ଓଡ଼ିଆ ସାକ୍ଷୀ ରଘୁଙ୍କ ବୀରତ୍ୱ କାହାଣୀକୁ ମନେ ପକାଇଥିଲେ।

ସୂଚନାଯୋଗ୍ୟ, ନାଥୁରାମଙ୍କ ବନ୍ଧୁକ ଗୁଳିରେ ଗାନ୍ଧୀ ଟଳି ପଡ଼ିଥିଲେ। ଆଉ ସେହି ସମୟରେ ବିରଳା ଭବନର ମାଳି ଭାବେ ଓଡ଼ିଆ ପୁଅ ରଘୁ ନାୟକ ବୀରତ୍ୱର ସହ ନାଥୁରାମଙ୍କୁ କାବୁ କରି ପୋଲିସର ଜିମା ଦେଇଥିଲେ। ଗାନ୍ଧିଜୀଙ୍କୁ ତତ୍କାଳ କୋଳକୁ ଟେକି ନେଇଥିଲେ ରଘୁ। ଗାନ୍ଧୀ ସେବକ ରଘୁଙ୍କ କୋଳରେ ମଥା ରଖି ‘ହେ-ରାମ’ କହି ଏ ଜାତିର ଚିର ନମସ୍ୟ ମହାତ୍ମା ଗାନ୍ଧୀ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ରଘୁଙ୍କ ବୀରତ୍ୱ ଓ ସାହସିକତା ପାଇଁ ତତ୍କାଳୀନ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦଙ୍କଠାରୁ ୫ ଶହ ଟଙ୍କା ପୁରସ୍କାର ସହ ଏକ ସନ୍ଦର୍ଭ ପତ୍ର ମିଳିଥିଲା। ହେଲେ ରଘୁ ନାଥଙ୍କୁ ଜୀବିତ ଅବସ୍ଥାରେ ଓଡ଼ିଆ ଜାତି ସମ୍ମାନ ଦେଇ ପାରିଲା ନାହିଁ। ଆର୍ଥିକ ଅଭାବ ଅନଟନ ମଧ୍ୟରେ ୧୯୮୩ ଅଗଷ୍ଟ ୧୩ରେ ୭୨ ବର୍ଷରେ ରୋଗ ଶଯ୍ୟାରେ ପଡ଼ି ପଡ଼ି ତାଙ୍କ ପରଲୋକ ହୋଇଥିଲା। ୨୦୦୫ରେ ଏକ ଖବର କାଗଜରେ ଅବହେଳିତ ରଘୁଙ୍କ ସମ୍ପର୍କରେ ପାଠ କରି ଜର୍ମାନୀର ଏକ ଅଟୋମୋବାଇଲ କମ୍ପାନୀ ଡାମଲର କ୍ରୀସଲରର ମୁଖ୍ୟ ବର୍ଣ୍ଣ ଆଲ୍ଲର ରଘୁଙ୍କ ଜନ୍ମସ୍ଥାନ ଓଡ଼ିଶାର କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ୍ ଜାଗୁଲାଇପଡ଼ା ଗ୍ରାମରେ ପହଞ୍ଚି ଥିଲେ। ବିଦେଶୀ ଗାନ୍ଧୀ ପ୍ରେମୀ ଜାଗୁଲାଇପଡ଼ା ଗ୍ରାମରେ ଗାନ୍ଧୀ-ରଘୁଙ୍କ ମିଳିତ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିଥିଲେ। ସେହିଦିନଠାରୁ ଗାନ୍ଧୀ ଏବଂ ରଘୁଙ୍କ ମିଳିତ ପ୍ରତିମୂର୍ତ୍ତି ପୂଜା ପାଉଛି।



ମହାତ୍ମା ଗାନ୍ଧୀ ଓ ରଘୁ ନାୟକଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରୁଛନ୍ତି।

# ଚଷୀଙ୍କ ଅମଳ ଧାନକୁ ଖାଇଦେଲେ ହାତୀପଲ

ରଣପୁର,୩୦।୧(ସୁକାନ୍ତ କିଶୋର ଡାକୁଆ)



- ରଣପୁରରେ ୧୩ ହାତୀଥିବା ପଲଙ୍କ ଉପଦ୍ରପ
- ବନ ବିଭାଗ କର୍ମଚାରୀ ଘଉଡ଼ାଇଲେ ବି ଯାଉନାହାନ୍ତି

ଅଦିନିଆ ବର୍ଷାରେ ଚାଷୀଙ୍କ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିଲା । ବହୁ କଷ୍ଟ କରିବା ପରେ ଚାଷୀମାନେ କିଛି ଧାନ ଅମଳ କରି ବର୍ଷ ସାରା ଖାଇବା ପାଇଁ ଘରକୁ ଆଣିଥିଲେ । ହେଲେ ଏବେ ସେହି ଫସଲ ଉପରେ ଦାଉସାଜିଛନ୍ତି ହାତୀପଲ। ଖୋର୍ଦ୍ଧା ବନଖଣ୍ଡ ଅଧୀନରେ ଥିବା ରଣପୁର ଅଞ୍ଚଳରେ ଦିନକୁଦିନ ହାତୀଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି । ସେମାନେ ଚାଷୀଙ୍କ ଫସଲ ଖାଇ, ଦଳି ନଷ୍ଟ କରୁଛନ୍ତି । ଗ୍ରାମରେ ପଶି ଚାଷୀଙ୍କ ଘର ଭାଙ୍ଗିବା ସହିତ ଗ୍ରାମବାସୀଙ୍କୁ ଆକ୍ରମଣ କରିବାକୁ ପଛାଉ ନାହାନ୍ତି । ଏହା ରଣପୁର ବନବିଭାଗଅଞ୍ଚଳରେ ନିତିଦିନିଆ ଘଟଣାରେ ପରିଣତ ହୋଇଛି । କିଛିଦିନ ତଳେ ଗଡ଼ବାଣିକିଲୋ ଗ୍ରାମରେ ହାତୀ ପଶି ଘର ଭାଙ୍ଗିବା ସହିତ ଘରେ ଥିବା ଧାନକୁ ଖାଇଥିଲେ । ପୁଣି ମଙ୍ଗଳବାର ଗୋପାଳପୁର ଗ୍ରାମରେ ଏକ ଦନ୍ତା ହାତୀ ପଶି ଚଷୀ କରିଥିବା ପନିପରିବା ଫସଲ ନଷ୍ଟ କରିଛି । ଏହି ଘଟଣାର ୨୪ ଘଣ୍ଟା ନ ପୂରୁଣୁ ପିମ୍ପଳ ଗ୍ରାମରେ ହାତୀପଲ ଚଷୀଙ୍କ ଧାନ ଖାଇ ନଷ୍ଟ କରିଛନ୍ତି । ସ୍ଥାନୀୟ ବନବିଭାଗ କର୍ମଚାରୀମାନେ ହାତୀମାନଙ୍କୁ ଘଉଡ଼ାଇ ଜଙ୍ଗଲରେ ଛାଡିଲେ ମଧ୍ୟ ପୁଣି ରାତିରେ ସେମାନେ ଫେରି ଆସୁଛନ୍ତି । ଏନେଇ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କଲେ ମଧ୍ୟ ହାତୀ ବନ ବିଭାଗ କର୍ମଚାରୀମାନେ ହାତୀ ଘଉଡ଼ାଇବାରେ ବିଫଳ ହେଉଛନ୍ତି ।

ବୁଧବାର ରାତିରେ ୧୩ ହାତୀ ଥିବା ପଲ ଜଙ୍ଗଲରୁ ଆସି ପିମ୍ପଳ ପଞ୍ଚାୟତର ପିମ୍ପଳ ଗାଁରେ ପଶି ଚଷୀମାନେ ଅମଳ କରି ରଖିଥିବା ଧାନ ବସ୍ତା ନଷ୍ଟ କରିବା ସହିତ ବହୁ ଧାନ ଖାଇ ଯାଇଛନ୍ତି । ଚାଷୀଙ୍କ ବାରିପଟେ ଥିବା ଧାନ ସହିତ କଳାଇକୁ ମଧ୍ୟ ହାତୀମାନେ ଖାଇବା ନଷ୍ଟ କରିଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି । ଏହି ହାତୀପଲକୁ ଘଉଡ଼ାଇବାକୁ ଚାଷୀମାନେ ଉଦ୍ୟମ କରିଥିଲେ । ହେଲେ ହାତୀମାନେ ଗାଁରୁ ନ ଯାଇ ଭାଗଚାଷୀ ପ୍ରଫୁଲ୍ଲ ନାୟକଙ୍କ ଘର ଭାଙ୍ଗିଦେଇଥିଲେ । ତାଙ୍କ ଘରେ ଥିବା ଧାନ ଓ ଚାଉଳ ଖାଇବା ସହିତ ବିଦ୍ୟୁତ୍ ଉପକରଣ ନଷ୍ଟ କରିଦେଇଛନ୍ତି । ସେହିଭଳି ଚାଷୀ ଅକ୍ଷୟ କୁମାର ନାୟକଙ୍କ ବାରିପଟେ ରଖାଯାଇଥିବା ୭୦ ବସ୍ତାରୁ ଊର୍ଦ୍ଧ୍ୱ ଧାନ ବସ୍ତାକୁ ହାତୀପଲ ଖାଇବା ସହିତ ଦଳିଚକଟି ନଷ୍ଟ କରିଦେଛନ୍ତି । ହାତୀପଲଙ୍କ ଉପଦ୍ରରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି । ଗ୍ରାମବାସୀ ହାତୀଙ୍କୁ ଘଉଡ଼ାଇବା ଉଦ୍ୟମ କଲେ ସେମାନଙ୍କୁ ହାତୀପଲ ଆକ୍ରମଣ କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି ।

ଏ ସଂକ୍ରାନ୍ତରେ ରଣପୁର ଅଞ୍ଚଳର ଚାଷୀ ରମାକାନ୍ତ ସାହୁ, ମାଣିଆ ରଣା, ଏକାଦଶିଆ, ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ କୁହନ୍ତି ଗତ କିଛି ମାସ ହେବ ରଣପୁର ନିକଟ ଜଙ୍ଗଲରେ ହାତୀପଲ ରହୁଛନ୍ତି । ଜଙ୍ଗଲରେ ଖାଦ୍ୟାଭାବ ରହିଛି । ଫଳରେ ହାତୀପଲ୍ଲ ଚାଷୀମାନେ କରିଥିବା ଧାନ ଫସଲ ଖାଇବାକୁ ଗାଁ ମୁହାଁ ହେଉଛନ୍ତି। ବନବିଭାଗ ଏହି ହାତୀପଲ୍ଲ ଉପରେ କଡା ନଜର ନ ରଖିବାରୁ ଏହାର ଦୁଃଖ ଚାଷୀମାନେ ଭୋଗୁଛନ୍ତି । ଏହି କ୍ଷୟକ୍ଷତିର ତଦନ୍ତ କରି ୭ ଦିନ ଭିତରେ ବନବିଭାଗ କ୍ଷତିପୂରଣ ପ୍ରଦାନ କରୁ ବୋଲି ଦାବି ହୋଇଛି । ରଣପୁର ବନବିଭାଗ ରେଞ୍ଜର ସିନ୍ଧୁ ଷଡ଼ଙ୍ଗୀ କୁହନ୍ତି ହାତୀପଲ୍ଲକୁ ଆମେ ଘଉଡ଼ାଇ ଜଙ୍ଗଲରେ ଛାଡିଲେ ମଧ୍ୟ ପୁଣି ସୋମନେ ଗ୍ରାମକୁ ଆସି ଉପଦ୍ରପ କରୁଛନ୍ତି । ଏହି ହାତୀପଲ ଉପରେ ବନବିଭାଗ ନଜର ରଖିଛି ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଭବାନୀଶଙ୍କର



@ କୃଷ୍ଣଚନ୍ଦ୍ର



@ ରାହୁଲ



@ ସମର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏପ୍ରିଲ ୬ରୁ ଲଙ୍କାପୋଡ଼ି ଯାତ୍ରା

ଦଶପଲ୍ଲା,୩୦।୧(ପ୍ରକାଶ କୁମାର ପାଣି)

ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରା ପାଇଁ ସ୍ଥାନୀୟ ମହାବୀର ମନ୍ଦିର ପ୍ରାଙ୍ଗଣରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏପ୍ରିଲ ୬ରୁ ଲଙ୍କାପୋଡ଼ି ଯାତ୍ରା ଆରମ୍ଭ ହେବ । ଏହି ଯାତ୍ରା ୧୯ଦିନ ଚାଲିବ ବୋଲି ଉକ୍ତ ବୈଠକରେ ନିଷ୍ପତ୍ତି ହୋଇଛି।

ଯାତ୍ରା କମିଟି ସଭାପତି ତଥା କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ବିଧାୟକ ରମେଶ ଚନ୍ଦ୍ର ବେହେରା, ଉପସଭାପତି ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ ଓ ପ୍ରଦୋଷ ଜେନା, ସମ୍ପାଦକ ସୂର୍ଯ୍ୟମଣି ଦାଶ, ସହସମ୍ପାଦକ ଅଞ୍ଜନ ଦାସ ଓ ଦେବୀପ୍ରସାଦ ଦାଶ, କୋଷାଧ୍ୟକ୍ଷ ଭବାନୀ ପ୍ରସାଦ ମିଶ୍ର, ସହକୋଷାଧ୍ୟକ୍ଷ ଭାବେ ବିରଞ୍ଚି ନାରାୟଣ ମିଶ୍ରଙ୍କୁ ଲଙ୍କାପୋଡ଼ି ଯାତ୍ରା କମିଟିର କର୍ମକର୍ତ୍ତା ଭାବେ ଚୟନ କରାଯାଇଛି। ମୁଖ୍ୟ ଉତ୍ସବ ଲଙ୍କାପୋଡ଼ି ଯାତ୍ରା ତଥା ରାବଣ ବଧ ଏପ୍ରିଲ ୨୨ତାରିଖରେ ଅନୁଷ୍ଠିତ ହେବ। ଏଥିସହିତ ୩ ଦିନ ବ୍ୟାପୀ କୁଆଁରିଆ ମହୋତ୍ସବ ସହିତ ମାଗଣା ଅପେରା ପରିବେଷଣ କରାଯିବ। ଉକ୍ତ ଉତ୍ସବକୁ ସରସ ସୁନ୍ଦର ଓ ଲୋକାଭିମୁଖୀ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



ମହାବୀର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ପ୍ରସ୍ତୁତି ବୈଠକ।

# ଗୁମ୍ଫା ଭିତରେ ବୈଷ୍ଣୋଦେବୀ





ବୈଷ୍ଣୋଦେବୀଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ଗୁରୁବାର ଆୟୋଜିତ କଳସ ଶୋଭାଯାତ୍ରା।

ନୟାଗଡ଼,୩୦।୧(ଲୋକନାଥ ମିଶ୍ର)

**ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ କଳସ ଯାତ୍ରା,ଯଜ୍ଞ**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ମଗରବନ୍ଧ ନିକଟସ୍ଥ ଶରଧାପୁର ପଞ୍ଚାୟତର ଜାମୁକୋଣରେ ୬୦ ଫୁଟ ପାହାଡ଼ ଉପରେ ମା'ବୈଷ୍ଣୋଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି । ଗୁରୁବାର ଦ୍ୱିତୀୟ ଦିବସରେ ପ୍ରାଣ ପ୍ରତିଷ୍ଠା ଉତ୍ସବରେ କଳସ ଯାତ୍ରା ହୋଇଥିଲା । ଗତ ବୁଧବାରଠାରୁ ଆରମ୍ଭ ହୋଇଛି ପ୍ରାଣ ପ୍ରତିଷ୍ଠା ଉତ୍ସବ। ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଛି ଜାମୁକୋଣ ପାହାଡ଼ । ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମୁଛି । ଗୁରୁବାର କଳସ ଶୋଭାଯାତ୍ରା କରାଯିବା ସହ ଯଜ୍ଞ ଆରମ୍ଭ ହୋଇଛି। ଶ୍ରଦ୍ଧାଳୁମାନେ ଏହି ମନ୍ଦିରକୁ ଦେଖିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟର ଉପଭୋଗ କରୁଛନ୍ତି। ପାହାଡ଼କୁ କାଟି ନିର୍ମାଣ ହୋଇଛି ମନ୍ଦିର ଓ ରାସ୍ତା । ସେହିପରି ପାହାଡ଼ ଭିତରେ ନିର୍ମାଣ କରାଯାଇଛି ୧୮୦ ଫୁଟର ସୁଡ଼ଙ୍ଗ । ସୁଡ଼ଙ୍ଗ ଭିତରେ ମା'ବୈଷ୍ଣୋଦେବୀ ଆସ୍ଥାନ ରହିଛି । ୫୦ ଏକର ପାହାଡିଆ ଜମି ଉପରେ ଏହି ମନ୍ଦିର ରହିଛି ।

# ୯୯ ଗ୍ରାମ୍ ବ୍ରାଉନସୁଗାର ଜବତ

ରଣପୁର,୩୦।୧(ସୁକାନ୍ତ କିଶୋର ଡାକୁଆ)

**ଜେଲ ଗଲେ ଅଭିଯୁକ୍ତ**



ନୟାଗଡ଼ ଜିଲା ଚାନ୍ଦପୁର ଥାନା ପୋଲିସ ଗୁରୁବାର ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ତାଙ୍କ ପାଖରୁ ୯୯ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ଚାନ୍ଦପୁର ମଧୁବନପୁର ସାହିର ଗଣେଶ ବେହେରା(୩୦) । ଜାମିନ ନାମଞ୍ଜୁର ପରେ ତାଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ବ୍ରାଉନସୁଗାର ବିକ୍ରି ପାଇଁ ଗଣେଶ ଟାଙ୍ଗୀ ଅଞ୍ଚଳକୁ ଯାଉଥିଲେ । ପୋଲିସର ଏକ ସ୍ୱତନ୍ତ୍ର ଟିମ ମଧୁବନପୁର ସାହି ନିକଟରେ ତାଙ୍କୁ ଜଗି ରହିଥିଲେ। ସେ ବ୍ରାଉନସୁଗାର ନେଇ ଆସୁଥିବା ବେଳେ ତାଙ୍କୁ ପୋଲିସ ଅଟକାଇ ତଲାସୀ କରିଥିଲା । ତାଙ୍କ ପାଖରୁ ୯୯ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଛି । ଏନେଇ ଚାନ୍ଦପୁର ଥାନାରେ ଏକ ମାମଲା (ନଂ.୦୮/୨୦୨୫) ରୁଜୁ କରାଯାଇଛି ।

# ସାତପାଟଣା ହାଇସ୍କୁଲର ବାର୍ଷିକୋତ୍ସବ

ଦଶପଲ୍ଲା,୩୦।୧(ପ୍ରକାଶ କୁମାର ପାଣି)

ଦଶପଲ୍ଲା ଏନ୍‌ଏସି ସାତପାଟଣା ସରକାରୀ ଉଚ୍ଚ ବିଦ୍ୟାଳୟର ୩୮ତମ ବାର୍ଷିକୋତ୍ସବ ପାଳିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ଭକ୍ତି ବିନୋଦ ସଲ ଓ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରାଣକୃଷ୍ଣ ବେହେରା ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ମୋ' ସ୍କୁଲ କମିଟି ସଭାପତି ସୁଶୀଲ କୁମାର ସାହୁ, କାଉନସିଲର ଚିତ୍ତରଞ୍ଜନ ଗୋଛି, ପୂର୍ବତନ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ପ୍ରଧାନଶିକ୍ଷକ ଦିଲୀପ କୁମାର ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ପ୍ରଧାନ ଓ ରଘୁନାଥ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଲତା ପଟ୍ଟନାୟକ ,ସାମାଜିକ କର୍ମୀ ସଜନ କୁମାର ରାୟ ପ୍ରମୁଖ ଯୋଗଦାନ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚର ସଭାପତି ବିଦ୍ୟାଳୟର ବିଭିନ୍ନ ସମସ୍ୟା ତଥା ଖେଳ ପଡ଼ିଆ , ପିଅନ ନିଯୁକ୍ତି, ବର୍ତ୍ତମାନର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସ୍ଥାୟୀ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ପ୍ରଦାନ, କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ଆଦି ଦାବି ଉପସ୍ଥାପନା କରିଥିଲେ। ଉତ୍ସବରେ ପୂର୍ବତନ ପ୍ରଧାନ ଶିକ୍ଷକ ଦିଲୀପ କୁମାର ନାୟକ ଏବଂ ବିଜୟ କୁମାର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ଶରତ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀଛାତ୍ର।

# ଲଡୁବାବାଙ୍କ ପୀଠରେ ବିଶ୍ୱଶାନ୍ତି ଯଜ୍ଞ

ଶରଣକୁଳ,୩୦।୧(ଦୀପକ କର)

ଶରଣକୁଳ ଲଡୁବାବା ପୀଠର ସିଂହଦ୍ୱାର ସମ୍ମୁଖରେ ବିଶ୍ୱକଲ୍ୟାଣ ପାଇଁ ମାଘ କୃଷ୍ଣପକ୍ଷ ଦଶମୀରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାର ପବିତ୍ର ତ୍ରିବେଣୀ ଅମାବାସ୍ୟା ତିଥିରେ ପୂର୍ଣ୍ଣାହୁତି ହୋଇଛି। ସମସ୍ତ ସେବାୟତ ଓ ଶ୍ରଦ୍ଧାଳୁ କୁସୁମୀ ନଦୀରୁ ପବିତ୍ର ଜଳ କଳସରେ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିବା ପରେ ଯଜ୍ଞ ଆରମ୍ଭ ହୋଇଥିଲା। ବୁଧବାର ସନ୍ଧ୍ୟାରେ ବହୁ ଶ୍ରଦ୍ଧାଳୁଙ୍କ ଉପସ୍ଥିତରେ ପୂର୍ଣ୍ଣାହୁତି ହୋଇଥିଲା । ନିକଟସ୍ଥ ବ୍ରାହ୍ମଣ ଶାସନରୁ ୫୫ଜଣ ନୈଷ୍ଠିକ ବ୍ରାହ୍ମଣ ବେଦମନ୍ତ୍ର ପାଠ କରିଥିଲେ । ଦଧିଦାଶ ଆଚାର୍ଯ୍ୟ ଭାବେ ଏବଂ ମନ୍ଦିର ପରିଚ୍ଛା ତୋଷବନ୍ତ କର ଓ ହରମୋହନ ମହାପାତ୍ର ଆହୁତି ପ୍ରଦାନ କରିଥିଲେ। ନିକଟସ୍ଥ ଗ୍ରାମରୁ ନାମ ସଂକୀର୍ତ୍ତନ ଦଳ ଆସି ଯଜ୍ଞ ମଣ୍ଡପରେ ହରେକୃଷ୍ଣ ହରେରାମ ଗାନ କରିଥିଲେ । ଏହି ଅବସରରେ ଯାତ୍ରା ନୀଳଚକ୍ର ପକ୍ଷରୁ ହରିହର କଳି ବା ମରିଯିବି ଧନ ତୋରି ବିନା ମଞ୍ଚସ୍ଥ କରାଯାଇଥିଲା। ବିଶ୍ୱଶାନ୍ତି ମହାଯଜ୍ଞରେ ମନ୍ଦିର ସୁପରଭାଇଜର ସୁବାସ ଚନ୍ଦ୍ର ବରାଡଙ୍କ ସମେତ ସମସ୍ତ ସେବାୟତ ଓ ଯଜ୍ଞ କମିଟିର ସଭ୍ୟମାନେ ସହଯୋଗ କରିଥିଲେ ।

# ବାହାଡ଼ାଖୋଲା ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ନୂଆଗାଁ,୩୦।୧(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବାହାଡ଼ା ଖୋଲା ଠାରେ ଥିବା ବାହାଡ଼ା ଖୋଲା ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁବାର ୧୫ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଛାତ୍ରୀଛାତ୍ରମାନେ ପ୍ରଥମେ ଗୁରୁ ମା'ଓ ଗୁରୁମାନଙ୍କ ପୂଜା କରିଥିଲେ । ଏହା ପରେ ଅତିଥି ଓ ଅଭିଭାବକଙ୍କୁ ଶିଶୁ ମନ୍ଦିରର କର୍ମକର୍ତ୍ତାମାନେ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ । ସରସ୍ୱତୀ ଶିଶୁ ମନ୍ଦିରର ପ୍ରତିଷ୍ଠାତା ସୂର୍ଯ୍ୟ ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏଥିରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ଅନୁଷ୍ଠାନର ଉନ୍ନତି କାମନା କରିଥିଲେ । ନୟାଗଡ଼ ସରସ୍ୱତୀ ଶିଶୁ ମନ୍ଦିର ସଙ୍କୁଳ ପ୍ରମୁଖ ଦିଲ୍ଲୀପ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଶିଶୁ ମନ୍ଦିରର ମହନୀୟତା ବୁଝାଇଥିଲେ । ସମ୍ମାନୀତ ଅତିଥି ବାହାଡାଖୋଲା ସରପଞ୍ଚ ଆରତୀ ସେଠୀ , ଅବସରପ୍ରାପ୍ତ ଶିକ୍ଷକ ତଥା ବାହାଡାଖୋଲା ବିକାଶ ପରିଷଦ ସଭାପତି ନାରାୟଣ ବେହେରା , ଅବସରପ୍ରାପ୍ତ ଶିକ୍ଷକ ପହଲାଦ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ସୁଭାସିନୀ ସାହୁ ବିବରଣୀ ମାଧ୍ୟମରେ ଶିଶୁ ମନ୍ଦିରରେ ଥିବା ଅସୁବିଧାକୁ ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଶିଶୁ ମନ୍ଦିରର ସମସ୍ତ ଗୁରୁମା , ଗୁରୁଜୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ । ଶିଶୁମାନଙ୍କ ଦ୍ୱାରା ପରିବେଶିତ ନାଚ ଓ ଗୀତ ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା ।

# ଫେବୃଆରୀ ୩ରେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ଗଣିଆ-ବଡମୂଳ ରାସ୍ତା ସମସ୍ୟା**

ଗଣିଆ,୩୦।୧(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକର ଗଣିଆ-ବଡମୂଳ ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ଓ ନିମ୍ନମାନର କାର୍ଯ୍ୟ ପ୍ରତିବାଦରେ ଛାମୁଣ୍ଡିଆ , ବଡଶିଲିଙ୍ଗା ଓ ରାସଙ୍ଗ ପଞ୍ଚାୟତର ଲୋକମାନେ ଆସନ୍ତା ୩ ତାରିଖରେ ଗଣିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏ ନେଇ ବିଭାଗୀୟ ଅଧିକାରୀ, ଜିଲା ପ୍ରଶାସନ ଓ ଗଣିଆ ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି । ଏନେଇ ଗୁରବାର ଅପରାହ୍ନରେ ଛାମୁଣ୍ଡିଆ ଗୁପ୍ତେଶ୍ୱର ମହାଦେବ ମନ୍ଦିର ପାଦଦେଶରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମସ୍ତ ଗ୍ରାମର ସଭାପତି , ସମ୍ପାଦକ , ୱାର୍ଡ ସଭ୍ୟାସଭ୍ୟ ଯୋଗଦେଇଥିଲେ ।



ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ପ୍ରସ୍ତୁତି ବୈଠକ।

ସୂଚନାଯୋଗ୍ୟ, ଗଣିଆ-ବଡମୂଳ ରାସ୍ତା ନିର୍ମାଣ କାମ ୩ବର୍ଷ ବିତିଥିଲେ ମଧ୍ୟ ଅଧାପନ୍ତରିଆ ଭାବେ ପଡ଼ି ରହିଛି । ଏଥିସହ ନିମ୍ନମାନର କାର୍ଯ୍ୟ ଯୋଗୁ ଅନେକ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି । ଏଥିଯୋଗୁ ଯାତାୟତ ସମୟରେ ଗାଡ଼ି ଆରୋହୀ ଛୋଟବଡ ଦୁର୍ଘଟଣାର ଶୀକାର ହେଉଛନ୍ତି । ଅପରପକ୍ଷେ ମହାନଦୀର ବନ୍ୟାପାଣି ଆସିଲେ ରାସ୍ତାର ରାସଙ୍ଗ ଠାରୁ ବଡମୂଳ ପର୍ଯ୍ୟନ୍ତ ବନ୍ୟାଜଳରେ ବୁଡି ରହୁଛି । ପ୍ରତିବର୍ଷ ରାସ୍ତାରେ ଖାଲ ସୃଷ୍ଟି ହେଉଛି । ସେଥିପାଇଁ ବଡମୂଳ-ରାସଙ୍ଗ ରାସ୍ତାକୁ ଉଚ୍ଚ କରିବା ସହ କଂକ୍ରିଟ କରିବା ଓ ରାସଙ୍ଗ-ଗଣିଆ ପର୍ଯ୍ୟନ୍ତ ପିଚୁ କରିବାକୁ ଦାବି ହୋଇ ଆସୁଛି । ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାର ନିର୍ମାଣ କ୍ଷେତ୍ରକୁ ନ ଆସି ମନମୁଖୀ ଭାବେ ରାସ୍ତା ନିର୍ମାଣ କରିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି ।

# ଭୂତକୋଠି ପାଲଟିଛି ଓଏମ୍‌ସି ମାର୍କେଟ କମ୍ପ୍ଲେକ୍ସ

**ଯାଜପୁର/କାଳିଆପାଣି(ହର୍ଷବର୍ଦ୍ଧନ ବେହେରା/ଅସିତ ମହାନ୍ତ)୩୦।୧ :**

ପାରିପାର୍ଶ୍ୱିକ ଉନ୍ନୟନ ତ ବହୁ ଦୂରର କଥା ଯାଜପୁର ଜିଲାର ଅଧିକାଂଶ ଖଣି ଓ ଶିଳ୍ପାନୁଷ୍ଠାନ ସେମାନଙ୍କ ଅତି ଗୁରୁତ୍ୱପୂର୍ଣ୍ଣ କର୍ପୋରେଟ ସାମାଜିକ ଦାୟିତ୍ୱ(ସିଏସ୍ଆର୍)ଯୋଜନାକୁ ଭୁଲି ଯାଇଛନ୍ତି। କାଁ ଭାଁ କେତେକ ଖଣି କମ୍ପାନୀକୁ ବାଦ୍ ଦେଲେ ଅଧିକାଂଶ ସଂସ୍ଥା ସିଏସ୍ଆର୍‌କୁ ହେୟଜ୍ଞାନ କରି ସରକାରଙ୍କୁ ଠକିବାରେ ଲାଗିଛନ୍ତି। ଶିଳ୍ପ ସଂସ୍ଥା ପକ୍ଷରୁ ଯାହା ରିପୋର୍ଟ ପ୍ରଦାନ କରାଗଲା ତାହା ସିଏସ୍ଆର୍ ଯୋଜନାରେ କାର୍ଯ୍ୟକାରୀ ହେଲା ବୋଲି ଧରାଯାଉଛି । କିନ୍ତୁ ବାସ୍ତବରେ ଏବେ ବି ଯାଜପୁର ଜିଲାର ସୁକିନ୍ଦା ଖଣି ଅଞ୍ଚଳର ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଭିତ୍ତିଭୂମି, ମହିଳା ସଶକ୍ତିକରଣ, ପରିବେଶ ଆଦି ଅବସ୍ଥାକୁ ଅବଲୋକନ କଲେ ସିଏସ୍ଆର୍‌ର ଲକ୍ଷ୍ୟ କେତେଦୂର ସଫଳ ହୋଇଛି ତାହା ସ୍ପଷ୍ଟ ଅନୁମେୟ । ଏଠାରେ ଓଡ଼ିଶା ଖଣି ନିଗମ(ଓଏମ୍‌ସି) ଦ୍ୱାରା ନିର୍ମାଣ ହୋଇଥିବା ମାର୍କେଟ କମ୍ପ୍ଲେକ୍ସକୁ ଉଦାହରଣ ଭାବେ ନିଆଯାଇପାରେ। ଓଏମ୍‌ସି କଲୋନୀ ପରିସରରେ ୧ କୋଟି ୧୦ ଲକ୍ଷ ଟଙ୍କା ଖର୍ଚ୍ଚରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଏବେ ଭୂତ କୋଠି ଓ ନିଶାସକ୍ତଙ୍କ ଆଡ୍ଡାସ୍ଥଳ ପାଲଟିଥିବା ଅଭିଯୋଗ ହୋଇଛି।


ଅବହେଳିତ ଭାବେ ପଡ଼ିରହିଥିବା ଓଏମ୍‌ସି ମାର୍କେଟ କମ୍ପ୍ଲେକ୍ସ।

ସୂଚନା ଅନୁଯାୟୀ ଓଏମ୍‌ସି କାଳିଆପାଣି ଖଣି ଖୋଲା ହେବା ଦିନରୁ ଟାଉନସିପ୍ କଲୋନୀ ଭିତରେ ୪୦ରୁ ଊର୍ଦ୍ଧ୍ୱ ଦୋକାନୀ ନିଜେ ଘର କରି ବିଭିନ୍ନ ଦୋକାନ ଦେଇଛନ୍ତି । ଦୀର୍ଘ ବର୍ଷ ଧରି ସେହି କଲୋନୀ ପରିସରରେ ଦୋକାନ ବସାଇ ନିଜ ପରିବାରର ପ୍ରତିପୋଷଣ ଓ କଲୋନୀବାସୀଙ୍କୁ ସେବା ଯୋଗାଉଥିବାବେଳେ ୨୦୨୨ରେ ଖଣି ବିଭାଗ ନିର୍ଦ୍ଦେଶକ ବଲୱନ୍ତ ସିଂ ଖଣି ନିଗମ କଲୋନୀ ପରିଦର୍ଶନରେ ଆସିଥିଲେ। ଦୋକାନୀମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବାକୁ ସେ କଲୋନୀ ପରିସରରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ମାର୍କେଟ କମ୍ପ୍ଲେକ୍ସଟି କଲୋନୀ ମୁଖ୍ୟଦ୍ୱାର ବାମପାର୍ଶ୍ୱରେ ନିର୍ମାଣ ହୋଇଥିଲା। ଯାହାଦ୍ୱାରା କଲୋନୀବାସୀ ଓ ନିକଟସ୍ଥ ଗ୍ରାମବାସୀ ସହଜରେ ବଜାର ସୁବିଧା ପାରିବେ ବୋଲି ଆଶା କରାଯାଇଥିଲା। ଏହି କ୍ରମରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇ ଯୋଗ୍ୟ ବିବେଚିତ ଠିକାଦାରଙ୍କୁ ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। ନିର୍ଦ୍ଦେଶନାମା ପାଇ ଠିକାଦାର ନିର୍ଦ୍ଧାରିତ ସମୟରେ ଶେଷ କରି ଖଣି ନିଗମର ଅଧିକାରୀଙ୍କୁ ଜିମା ଦେଇଥିଲେ । ହେଲେ ଠିକାଦାର ଜିମା ଦେବାର ୨ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଗୃହ ଗୁଡ଼ିକୁ ବଣ୍ଟନ କରାଯାଇ ପାରିନି। ଫଳରେ ରକ୍ଷଣାବେକ୍ଷଣ ଅଭାବରୁ ମାର୍କେଟ କମ୍ପ୍ଲେକ୍ସର କୋଠରୀଗୁଡ଼ିକ ଭୂତ କୋଠି ପାଲଟିଛି । ଯେଉଁଠି ରାତି ହେଲେ ନିଶାସକ୍ତ ତଥା ଅସାମାଜିକଙ୍କ ଆଡ୍ଡା ସ୍ଥଳ ପାଲଟିଛି। ସେହିପରି ୧୯୯୦ରେ ଖଣି ନିଗମର କଲରଙ୍ଗି କଲୋନୀ ପରିସରରେ ୭ କୋଟି ଟଙ୍କା ବ୍ୟୟ ଅଟକଳରେ ୧୦ଟି ୨ ମହଲା ବିଶିଷ୍ଟ ଗୃହ ନିର୍ମାଣ କରାଯାଇଥିଲା। ହେଲେ ସେଠାରେ କେହି ରହି ନ ଥିଲେ। ଏହାଦ୍ୱାରା ୧୦ କୋଟି ଟଙ୍କା ପାଣିରେ ପଡିଥିଲା ।

ଏନେଇ ଖଣି ନିଗମର ଯାଜପୁର ରୋଡ଼ସ୍ଥିତ ପ୍ରଶାସନିକ ଅଧିକାରୀ ଦେବାଶିଷ ସାମଲଙ୍କୁ ପଚାରିବାରୁ ସେ କହିଛନ୍ତି, ଉଚ୍ଚ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଲେ ଦୋକାନ ଗୃହ ବଣ୍ଟନ କରାଯିବ।

# ସମାଧାନର ପ୍ରତିଶ୍ରୁତି ଦେଲେ ମନ୍ତ୍ରୀ

**ଷ୍ଟିୱାର୍ଟ ସ୍କୁଲ ବନ୍ଦ ପ୍ରସଙ୍ଗ**

**କାଳିଆପାଣି,୩୦।୧(ଅସିତ ମହାନ୍ତ):**

କାଳିଆପାଣି ଖଣି ଅଞ୍ଚଳରେ ଥିବା ଏକମାତ୍ର ଇଂଲିଶ ମିଡିୟମ ଷ୍ଟିୱାର୍ଟ ସ୍କୁଲକୁ ବନ୍ଦ କରିବା ଯୋଜନାକୁ ବିରୋଧ କରିଛନ୍ତି ଅଭିଭାବକ। ସମ୍ପୃକ୍ତ ସ୍କୁଲ କର୍ତ୍ତୃପକ୍ଷଙ୍କ ମନମାନି ଓ ଏକ ଛତ୍ରବାଦକୁ ନେଇ ଗତ ମଙ୍ଗଳବାର ଅଭିଭାବକ କାଳିଆପାଣି ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ଗୁରୁବାର ସ୍ଥାନୀୟ ବିଧାୟକ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କୁ ଭେଟି ଅବଗତ କରାଇଛନ୍ତି। ଖଣି ନିଗମ ଟାଉନ ସିପ କଲୋନୀରେ ଥିବା କମ୍ୟୁନିଟି ହଲରେ ଅଭିଭାବକଙ୍କୁ ନେଇ ଅନୁଷ୍ଠିତ ଏକ ବୈଠକରେ ମନ୍ତ୍ରୀ ବଳସାମନ୍ତ ଯୋଗଦେଇ ସମସ୍ତ ବିଷୟ ଅବଗତି ହୋଇଛନ୍ତି। ଏହାପରେ ଘଟଣାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

୨୮ ବର୍ଷ ଧରି ଟିସ୍କୋ କଲୋନୀ ଭିତରେ ଚାଲିଥିବା ଏହି ସ୍କୁଲକୁ ଆସନ୍ତା ଶିକ୍ଷା ବର୍ଷଠାରୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନୋଟିସ ଜାରି ହୋଇଛି, ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି। ସ୍କୁଲ୍‌କୁ ବିଭିନ୍ନ କମ୍ପାନୀ ପକ୍ଷରୁ ଗତ ତିନି ବର୍ଷରେ ଅନୁନ୍ୟ ଏକ କୋଟିରୁ ଅଧିକ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିବାବେଳେ ସ୍କୁଲ କର୍ତ୍ତୃପକ୍ଷଙ୍କ ଏଭଳି ନିଷ୍ପତ୍ତିକୁ ଅଭିଭାବକ ଘୋର ନିନ୍ଦା କରିଛନ୍ତି। ଅନ୍ୟପଟେ ସମ୍ପୃକ୍ତ ସ୍କୁଲ କର୍ତ୍ତୃପକ୍ଷଙ୍କ ବେପରୁଆ କାର୍ଯ୍ୟ ଯୋଗୁ ସ୍କୁଲକୁ ଏଯାବତ ପିଇଏନ ନମ୍ବର ମିଳିନାହିଁ। ଯାହାକୁ ନେଇ ଅଭିଭାବକ ଚିନ୍ତା ପ୍ରକଟ କରିବା ସହ ଉପୁଜିଥିବା ଅଶାନ୍ତି ଏବେ ଉଗ୍ର ରୂପଧାରଣ କରିବାକୁଯାଉଛି। ଗତ ୨୧ ତାରିଖରେ ଅଭିଭାବକ ସ୍କୁଲକୁ ଯାଇ ହୋହଲ୍ଲା କରିବା ସହ ଅଧ୍ୟକ୍ଷଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ଜିଲା ପ୍ରଶାସନ ଏହା ଉପରେ ପଦକ୍ଷେପ ନ ନେଲେ ଅଭିଭାବକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେଦିନ ନିଷ୍ପତ୍ତି ନେଇଥିଲେ ବୋଲି ମନ୍ତ୍ରୀଙ୍କୁ ଜଣାଇଥିଲେ। ଏସମସ୍ତ ବିଷୟରେ ଅବଗତ ହେବାପରେ ମନ୍ତ୍ରୀ ଜିଲାପାଳଙ୍କ ସହ ଆଲୋଚନା କରି ସମାଧାନର ବାଟ ବାହାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଓଡ଼ିଶା ମାଇନିଂ ୱାର୍କର୍ସ ୟୁନିୟନର ସମ୍ପାଦକ ଅମଳେନ୍ଦୁ ବେହୁରା ଯୋଗଦେଇ ଏକ କମିଟି କରି ସ୍କୁଲ୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିଲେ। ସର୍ବଶ୍ରୀ ଜ୍ଞାନରଞ୍ଜନ ଧୀର, ସୁରେନ୍ଦ୍ର ପ୍ରଧାନ, ଅଶୋକ ପ୍ରଧାନ, ବାଦଲ ମଲ୍ଲିକ, ବାପୁ ଭଞ୍ଜ, ବୁଲୁ ମଲ୍ଲିକ, ପ୍ରଦୀପ ପଣ୍ଡା, ଅମିର ଖାଁ, ଜ୍ଞାନରଞ୍ଜନ ଧୀର, ଦେବସ୍ମିତା ସାହୁ, ମନ୍ଦାକିନୀ ବାରିକ, ସସ୍ମିତା ମାଣିକ, ସୁଭଦ୍ରା ମହାପାତ୍ର ପ୍ରମୁଖ ଯୋଗଦେଇ ସମସ୍ୟା ଉପସ୍ଥାପିତ କରିଥିଲେ।

# ଆନ୍ଦୋଳନକାରୀଙ୍କୁ ଉଠାଇନେଲା ପୋଲିସ

**କଳିଙ୍ଗନଗର,୩୦।୧(ଶୁଭାଶିଷ ରାଉତ):**

ଟାଟାଷ୍ଟିଲ ଦ୍ୱାରା ପରିଚାଳିତ ନୀଳାଚଳ ଇସ୍ପାତ ନିଗମ ଲିଃ(ଏନଆଇଏନ୍ଏଲ୍) ଗେଟ୍ ଆଗରେ ଧାରଣା ଦେଇଥିବା ବିସ୍ଥାପିତ ପରିବାର ସଦସ୍ୟଙ୍କୁ ୪ ନଂ. ଗେଟ ସମ୍ମୁଖରୁ ଗୁରୁବାର ସକାଳେ ପୋଲିସ ବଳପୂର୍ବକ ଭାବେ ଉଠାଇଦେଇଛି। ଏହାପରେ କାରଖାନା ଚଳାଚଳ ସ୍ୱାଭାବିକ ହୋଇଛି। ବିସ୍ଥାପିତ ଆଦିବାସୀଙ୍କ ନ୍ୟାଯ୍ୟ ଦାବି ସଂକ୍ରାନ୍ତରେ ସମାଧନ ନ କରି ଟାଟା କର୍ତ୍ତୃପକ୍ଷ ପୋଲିସ ସହାୟତାରେ କାରଖାନା ଚଳାଚଳକୁ ସକ୍ଷମ କରିଥିଲେ ହେଁ କଳିଙ୍ଗନଗରରେ ଏବେ ବି ଉତ୍ତେଜନା ଲାଗି ରହିଛି। ବିସ୍ଥାପିତ ମୃତକ ପରିବାରରୁ ଜଣକୁ କାରଖାନାରେ ଚାକିରି ଏବଂ ଉତ୍ତରାଧିକାରୀ ସୂତ୍ରରେ ବଂଶାନୁକ୍ରମିକ ଚାକିରି ଯୋଗାଇଦେବାକୁ ଦାବିକରି ବାରମ୍ବାର ଆନ୍ଦୋଳନ କରାଯାଉଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଯାହାକୁ ନେଇ କଳିଙ୍ଗନଗର ଶିଳ୍ପାଞ୍ଚଳର ଟାଟାଷ୍ଟିଲ କାରଖାନା ସମ୍ମୁଖରେ ଗତ ତିନିଦିନ ଧରି ବିସ୍ଥାପିତ ପରିବାରଙ୍କ ଆନ୍ଦୋଳନ ଜାରି ରହିଥିଲା। ତେବେ ଆନ୍ଦୋଳନ ସମୟରେ ଟାଟା ଅଧୀନ ନୀଳାଚଳ ଇସ୍ପାତ କାରଖାନା ସମ୍ମୁଖରେ ବିକ୍ଷୋଭକାରୀଙ୍କୁ ସୁରକ୍ଷାକର୍ମୀ ଓ ଏହାର ବରିଷ୍ଠ ଅଧିକାରୀ ମାଡ ମାରି ଲହୁଲୁହାଣ କରିବା ସହ ଦୁର୍ବ୍ୟବହାର କରିଥିବା କଳିଙ୍ଗନଗର ଥାନାରେ ଏତଲା ଦିଆଯାଇଥିଲା। ହେଲେ ଅଦ୍ୟାବଧି ନୀଳାଚଳ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ଜିଲା ପୋଲିସ। ତେବେ ୧୫ ଦିନ ମଧ୍ୟରେ ଯଦି ଟାଟା ବିସ୍ଥାପିତଙ୍କ ଦାବି ଉପରେ କୌଣସି ସମାଧାନ ସୂତ୍ର ବାହାର ନ କରେ ତେବେ ୨୦୦୬ ଭଳି ବ୍ୟାପକ ଆନ୍ଦୋଳନ କରିବେ ବୋଲି ବିସ୍ଥାପିତ କହିଛନ୍ତି। ଅନ୍ୟପଟେ ଟାଟା କମ୍ପାନୀ ବିରୋଧରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି କଳିଙ୍ଗନଗରର ବିସ୍ଥାପିତ ଆଦିବାସୀ ନେତା ରବୀନ୍ଦ୍ର ଜାରିକା, ବାବୁଲି ହାଇବ୍ରୁ, ସ୍ୱର୍ଣ୍ଣଲତା ବାନାରା, ବାବୁଲି ପୂର୍ତ୍ତୀଙ୍କ ସହ ୩୦୦ରୁ ଊର୍ଦ୍ଧ୍ୱ ବିସ୍ଥାପିତ ଏକାଠି ହୋଇ ଚରମବାଣୀ ଶୁଣାଇଛନ୍ତି।

# ଗାଡ଼ି ଆସୁନି, ୬ ଦିନ ହେଲା ମଣ୍ଡିରେ ପଡ଼ିରହିଛି ଧାନ


ମଣ୍ଡିରେ ଧାନ ପଡ଼ିରହିଛି ।

**ସିଂହପୁର,୩୦।୧(ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର କୃଷି ସେବା ସମବାୟ ସମିତି ମଣ୍ଡିରେ ୬ ଦିନ ହେଲା ଧାନ ପଡ଼ିରହିଛି। ମିଲର ଗାଡ଼ି ପଠାଇ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ମିଲରଙ୍କ ମନମାନି ଯୋଗୁ ଚାଷୀ ହୀନସ୍ତା ଭୋଗୁଛନ୍ତି। ଚଳିତ ବର୍ଷ ମଣ୍ଡି ଉଦ୍‌ଘାଟନ ଆରମ୍ଭରୁ ଅବ୍ୟବସ୍ଥା ଲାଗିରହିଛି। ମଣ୍ଡିରେ ଧାନ ପଡ଼ି ରହିଥିବାରୁ ଚାଷୀ ଶୀତ କାକରରେ ଦହଗଞ୍ଜ ହେଉଛନ୍ତି। ରାତିରେ ଷଣ୍ଢଙ୍କ ପ୍ରାଦୁର୍ଭାବ ସୃଷ୍ଟି ହେଉଛି। ତେଣୁ ମିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳଙ୍କ ନିକଟରେ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ସମିତି ସମ୍ପାଦକ ଉତ୍କଳ ସାମଲଙ୍କୁ ପଚାରିବାରେ ସେ କହିଛନ୍ତି, ମିଲରଙ୍କୁ ବାରମ୍ବାର କହିବା ପରେ ମଧ ସେ ଗାଡ଼ି ପଠାଉନାହାନ୍ତି। ଏ ଦିଗରେ ଜିଲାପାଳଙ୍କୁ ଅବଗତ କରାଯିବ।

# ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ

**ଧର୍ମଶାଳା,୩୦।୧(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଭାଲୁଖାଇସ୍ଥିତ ମହାତ୍ମା ଗାନ୍ଧୀ ଫାଉଣ୍ଡେସନ୍ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଏଥିରେ ଫାଉଣ୍ଡେଶନ୍‌ର ସଭାପତି ଅଖିଳ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଧର୍ମଶାଳା ବ୍ଲକ ପୂର୍ବତନ ଅଧ୍ୟକ୍ଷ କିଶାନ ପଣ୍ଡା, ପ୍ରାଧ୍ୟାପକ ରାଧାଶ୍ୟାମ ସାହୁ, ପ୍ରଶାନ୍ତ କୁମାର ସ୍ୱାଇଁ, ସାମାଜିକ କର୍ମୀ କାହ୍ନୁଚରଣ ଦାଶ, କୃଷକ ନେତା ବସନ୍ତ ପରିଡ଼ା, ଧର୍ମଶାଳା ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଆଶାତରୁ ନାୟକ, ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ସାହୁ, କଂଗ୍ରେସ ଯୁବନେତା ମାନସ ରଞ୍ଜନ କର ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ନୀତିଆଦର୍ଶ ଓ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସ୍ୱାଇଁ, ପୁରୁଷୋତ୍ତମ ଜେନା, ରତ୍ନାକର ଦାସ, ଅଭୟାନନ୍ଦ ସାରଦା, ଶିକ୍ଷକ ବିଜୟ କୁମାର ଦେବତା, ଦେବବ୍ରତ ରାଉତ ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ଆନ୍ଦୋଳନ ଓ ସତ୍ୟାଗ୍ରହ ଦେଶକୁ ସ୍ୱାଧିନତା ଦେଇଥିଲା ବୋଲି ମତବ୍ୟକ୍ତ କରିଥିଲେ। ଖବରଦାତା ପୂର୍ଣ୍ଣଚନ୍ଦ୍ର ଶତପଥୀ, ଶୁଭକାନ୍ତ ନାୟକ, ମାନସ ରଞ୍ଜନ ଜେନା, ସୁବ୍ରତ କୁମାର ଜେନା ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ନୀତିଆଦର୍ଶ ଉପରେ ଆଲୋକପାତ କରିଥିଲେ। ନିହାର ରଞ୍ଜନ ମୁଦୁଲି ଅତିଥି ପରିଚୟ ପ୍ରଦାନ କରିଥିଲେ। ଦେବେନ୍ଦ୍ର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ବିନୋଦ ବିହାରୀ ସାହୁ ଧନ୍ୟବାଦ ଦେଇଥିଲେ।


ମହାତ୍ମା ଗାନ୍ଧୀ ଫାଉଣ୍ଡେଶନ କର୍ମକର୍ତ୍ତା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି ।

# ବିଜେଡି ନେତାଙ୍କୁ ଆକ୍ରମଣ ଘଟଣାରେ ୩ ଗିରଫ

**ଧର୍ମଶାଳା,୩୦।୧(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବିଜୁ ଜନତା ଦଳ(ବିଜେଡି)ର ଆଗଧାଡ଼ିର ନେତା ତଥା ଠିକାଦାର ଅକ୍ଷୟ କୁମାର ନାୟକଙ୍କୁ ଆକ୍ରମଣ ଘଟଣାରେ ଧର୍ମଶାଳା ପୋଲିସ୍ ସଂପୃକ୍ତ ୩ ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ରମ୍ଭାପୁରର ସୁନିଲ କୁମାର ସାମଲ (୩୫), ଜାମୁବଣିଆର ପ୍ରଶାନ୍ତ ଗେଡ଼ି (୧୯) ଓ ଭୁବନ ଗ୍ରାମର ରୋହିତ ରଞ୍ଜନ ସାମଲ (୨୦)। ସୋମବାର ଅକ୍ଷୟ ଜାରକା ବଜାରରେ ଥିବା ଏକ ଡ୍ରେସ୍ ଦୋକାନରୁ ସମ୍ପର୍କୀୟଙ୍କ ଏକାଦଶ କାର୍ଯ୍ୟ ପାଇଁ କିଛି ଲୁଗା କିଣି ଦୋକାନରୁ ବାହାରି ନିଜ ଗାଡ଼ିରେ ବସୁଥିବା ସମୟରେ ଆକ୍ରମଣର ଶିକାର ହୋଇଥିଲେ। ଗିରଫ ହୋଇଥିବା ୩ ଯୁବକ ହଠାତ୍ ଆସି ତାଙ୍କୁ ଗାଡ଼ିରୁ ଘୋଷାଡ଼ି ଆଣି ମାଡ଼ ମାରିଥିଲେ। ଏଥିରେ ଅକ୍ଷୟ ଗୁରୁତର ଆହତ ହୋଇଥିଲେ। ଏହାର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏନେଇ ସେ ଧର୍ମଶାଳା ଥାନାରେ ଲିଖିତ ଏତଲା ଦେଇଥିଲେ। ପୋଲିସ ନଂ.୫୨/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

# ଯାଜପୁର ଆର୍‌ଟିଓ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର

**ପାଣିକୋଇଲି,୩୦।୧(ବିକାଶ ମଲ୍ଲିକ):**

ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଯାଜପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ପାଣିକୋଇଲିସ୍ଥିତ ମା'ତାରିଣୀ ଟ୍ୟାକ୍ସି ଷ୍ଟାଣ୍ଡଠାରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଆଞ୍ଚଳିକ ପରିବହନ ଅଧିକାରୀ ନୀଳକଣ୍ଠ ପ୍ରଧାନଙ୍କ ଉଦ୍ୟମକ୍ରମେ ଆୟୋଜିତ ଶିବିରକୁ ମଟର ଭେଇକିଲ ଇନ୍ସପେକ୍ଟର ଦୀପକ ସେଠୀ ଉଦ୍‌ଘାଟନ କରିଥିଲେ। ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ବିଶେଷଜ୍ଞ ବିଶ୍ୱରଞ୍ଜନ ମଲ୍ଲିକ ଯୋଗଦେଇ ଷ୍ଟାଣ୍ଡର ଚାଳକଙ୍କ ସମେତ ଶିବିରକୁ ଆସିଥିବା ମୋଟ୍ ୩୦ ଜଣ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ପରିବହନ କାର୍ଯ୍ୟାଳୟ ତରଫରୁ ଅତିରିକ୍ତ ଟ୍ରାଫିକ ଇନ୍ସପେକ୍ଟର ରାଜେଶ ମଙ୍ଗରାଜ, କନଷ୍ଟେବଳ ବିଜନ ସେଠୀ, ଷ୍ଟାଣ୍ଡ ସଭାପତି ନିରଞ୍ଜନ ନାୟକ, ଉପସଭାପତି ରାମଚନ୍ଦ୍ର ଦାଶ, ସମ୍ପାଦକ ଦୀପ୍ତିରଞ୍ଜନ ପରିଡ଼ା, ଅବଦୁଲ ମଜିଦ ଖାନ, ସୁରେଶ ନାୟକ, ରଞ୍ଜିତ ନାୟକ, ପ୍ରକାଶ ମଲ୍ଲିକ, ସନାତନ କବି, ଶଙ୍କର୍ଷଣ ନାୟକ, ଶେଷଦେବ ଜେନା ପ୍ରମୁଖ ଶିବିର ଆୟୋଜନରେ ସହାୟତା କରିଥିଲେ।

# ଚୋରା ମାଙ୍କଡ଼ା ପଥର ବୋଝେଇ ଟ୍ରକ ଜବତ

**ଚଣ୍ଡିଖୋଲ/ଛତିଆ,୩୦।୧(ପ୍ରଦୀପ୍ତ କୁମାର ପୃଷ୍ଟି/ସୌମ୍ୟ ରଞ୍ଜନ ସାହୁ):**

ଯାଜପୁର ବୈରୀ ଡାଲିଯୋଡା ରେଞ୍ଜ ଅଧୀନ ବାଘୁଆଠାରେ ଜଙ୍ଗଲ ଜମିରେ ବେଆଇନ ମାଙ୍କଡା ପଥର କାଟିବା ସମୟରେ ବନ ବିଭାଗ ପକ୍ଷରୁ ଚଢାଉ କରାଯାଇ ଟ୍ରକ ଜବତ କରାଯାଇଛି। ପଥରକଟା ସମ୍ପର୍କରେ ଜାଣି ବୈରୀ ରେଞ୍ଜର ଅଦ୍ୱିତ୍ୟ ପ୍ରଧାନ ବନପାଳ ସସ୍ମିତା ସ୍ୱାଇଁଙ୍କୁ ପଠାଇଥିଲେ। ବନପାଳଙ୍କୁ ଦେଖି ମାଫିଆ ଫେରାର ହୋଇଯାଇଥିଲେ । ପରେ ବନ ବିଭାଗ ପକ୍ଷରୁ ମାଙ୍କଡା ବୋଝେଇ ଟ୍ରକ (ଓଆର୦୯ଏଫ୯୧୨୧)କୁ ଜବତ କରି ଡାଲିଯୋଡା ବନ ବିଭାଗ କାର୍ଯ୍ୟାଳୟରେ ରଖାଯାଇଛି। ଗୁରୁବାର ବିଭାଗ ପକ୍ଷରୁ ମାମଲା କରାଯାଇ ତଦନ୍ତ ଜାରିରହିଛି। ଏଥିରେ ସମ୍ପୃକ୍ତ ମାଫିଆଙ୍କୁ ଗିରଫ କରାଯିବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି।


ମନ୍ତ୍ରୀଙ୍କ ଗହଣରେ ଭାଜପାରେ ମିଶିଥିବା ଶ୍ରମିକ ସଂଘ କର୍ମଚାରୀ ।

# ଟୁ-ଇନ୍ ଖଣି ଶ୍ରମିକ ସଂଘ କର୍ମଚାରୀ ଭାଜପାରେ ସାମିଲ

**କାଳିଆପାଣି,୩୦।୧(ଅସିତ ମହାନ୍ତ):**

କାଳିଆପାଣି ଖଣି ଅଞ୍ଚଳର କଂସ ପଞ୍ଚାୟତରେ ଥିବା ଟୁ-ଇନ ମାଇନ୍ସ(ସରୁଆବିଲ ଓ କମର୍ଦା) ଖଣିର ସମସ୍ତ ୩୨୫ କର୍ମଚାରୀ ପୁରୁଣା ବିଜେଡି ସମର୍ଥିତ ଶ୍ରମିକ ସଂଘ ଛାଡ଼ି ଭାଜପା ସମର୍ଥିତ ଓଡ଼ିଶା ମାଇନିଙ୍ଗ ୱାର୍କର ୟୁନିୟନରେ ଯୋଗ ଦେଇଛନ୍ତି। ଏହାସହିତ ବିଜେଡି କଂସ ପଞ୍ଚାୟତ ସଭାପତି ସନ୍ଦୀପ କିସ୍କୁ, ନାଏବ ସରପଞ୍ଚ ଚନ୍ଦ୍ର ବାନାରା ବିଜେଡି ଛାଡ଼ି ଭାଜପା ସଦସ୍ୟତା ଗ୍ରହଣ କରିଛନ୍ତି। ନିର୍ବାଚନର ୭ ମାସ ପରେ ଅଧିକାଂଶ ଖଣିର ଶ୍ରମିକ ଓ କର୍ମଚାରୀ ପୁରୁଣା ସଂଘ ଛାଡି ନୂତନ ସଂଘରେ ଯୋଗ ଦେଉଥିବାବେଳେ ସାରୁଆବିଲ ଓ କମର୍ଦା ଖଣିର ସମସ୍ତ କର୍ମଚାରୀ ନୂତନ ସଂଘର ସଦସ୍ୟତା ନେବା ପୁରୁଣା ସଂଗଠନକୁ ଶକ୍ତ ଧକ୍କା ବୋଲି ଖଣି ଅଞ୍ଚଳରେ ଆଲୋଚନା ଜୋର ଧରିଛି। ସମବାୟ ମନ୍ତ୍ରୀ ଡ. ପ୍ରଦୀପ ବଳସାମନ୍ତଙ୍କ ଉପସ୍ଥିତରେ ସେମାନେ ଭାଜପା ସଦସ୍ୟତା ଗ୍ରହଣ କରିବା ସହ ସଂଘ ସଦସ୍ୟ ହୋଇଥିଲେ। ମନ୍ତ୍ରୀ ସମସ୍ତଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ। ବରିଷ୍ଠ ଭାଜପା ନେତା ଅମଳେନ୍ଦୁ ବେହୁରା, ରବୀନ୍ଦ୍ର ସାହୁ, ବେଣୁଧର ମହାନ୍ତ, ଦିଲୀପ ପାତ୍ର ଓ ଲମ୍ବୋଦର ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶ୍ରମିକମାନେ ସେମାନଙ୍କ ଉପରେ ହୋଇଥିବା ଆର୍ଥିକ, ମାନସିକ ତଥା ଶାରୀରିକ ଅତ୍ୟାଚାର କଥା କହି କ୍ଷୋଭ ପ୍ରକାଶ କରିଥିଲେ। କେହି ପାଟି ଖୋଲିଲେ ଚାକିରିରୁ ବାହାର କରିଦେଉଥିବା ଶ୍ରମିକମାନେ କହିଥିଲେ। ଖାସ ଏହି କାରଣରୁ ଭାଜପାକୁ ଭୋଟ ଦେଇ ଜିତାଇଥିଲେ ବୋଲି ଶ୍ରମିକ ସଂଘ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଶ୍ରମିକ ଓ କର୍ମଚାରୀଙ୍କ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ସଂଘ ସାଧାରଣ ସମ୍ପାଦକ ଅମଳେନ୍ଦୁ ବେହୁରା କହିଥିଲେ।

# ମିଶନ ଶକ୍ତି ଇସି ସଦସ୍ୟାଙ୍କ ଜିଲାପାଳ ଅଫିସ ଘେରାଉ

**ଯାଜପୁର ଟାଉନ,୩୦।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ମିଶନ ଶକ୍ତିର ଇସି ସଦସ୍ୟା ଜିଲାପାଳ ଅଫିସ ଘେରାଉ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ୬ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଇସି ସଦସ୍ୟା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସଂଗଠିତ କରୁଛନ୍ତି। ଇସି ସଭାପତି ଓ ସମ୍ପାଦିକା ସ୍ୱାକ୍ଷରରେ ଋଣ ପ୍ରଦାନ କରାଯାଉଛି। ସେମାନେ ନୀରବଚ୍ଛିନ୍ନ ଭାବେ ବିଭିନ୍ନ କାର୍ଯ୍ୟ ତୁଲାଉଛନ୍ତି। ମାତ୍ର ବିଡ଼ମ୍ବନାର ବିଷୟ ଇସି ସଦସ୍ୟାଙ୍କୁ ସ୍ୱଳ୍ପଦେୟରେ ଅସ୍ଥାୟୀ ଭାବେ ରଖାଯାଇଛି। ୨୦୨୧ ପର୍ଯ୍ୟନ୍ତ କୌଣସି ପାରିଶ୍ରମିକ ଦିଆଯାଇ ନ ଥିଲେ ମଧ୍ୟ ଅନବରତ କାର୍ଯ୍ୟ କରି ଆସୁଛନ୍ତି। ୨୦୨୨ରୁ ସ୍ୱଳ୍ପ ଅନିୟମିତ ଭାବେ ପ୍ରୋତ୍ସାହନ ପ୍ରଦାନ କରିବାର ଆଳ ଦେଖାଇ ବର୍ତ୍ତମାନ ପୁର୍ନଗଠନ ନାମରେ ସଦସ୍ୟାଙ୍କୁ ହଟାଇବା ଯୋଜନା କରାଯାଇଛି ବୋଲି ଅଭିଯୋଗ କରାଯାଇଛି। ଗତ କିଛି ମାସ ତଳେ ପୁର୍ନଗଠନ ନାମରେ ବ୍ଲକ, ଗ୍ରାମ ପଞ୍ଚାୟତସ୍ତରରେ ସ୍ୱୟଂସହାୟକ ଗୋଷ୍ଠୀଙ୍କ ମଧ୍ୟରେ ଅସ୍ଥିରତା ସୃଷ୍ଟି କରାଯାଇଛି। ଯାହାକୁ ନେଇ ଇସି ସଦସ୍ୟା ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସଦସ୍ୟାଙ୍କୁ ସ୍ଥାୟୀ ନିଯୁକ୍ତି, କୁଶୀଳ ଶ୍ରମିକର ସର୍ବନିମ୍ନ ମଜୁରୀ ହାରରେ ପ୍ରଦାନ, ଜିପିଏଲ୍ଏଫ୍‌ର ଇସି ମୁଣ୍ଡପିଛା ହାରରେ ଭତ୍ତା ପ୍ରଦାନ, ସହରାଞ୍ଚଳରେ କାର୍ଯ୍ୟରତ ଇସିଙ୍କୁ କୌଣସି ଭତ୍ତା ଦିଆଯାଉ ନ ଥିବାରୁ ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ, ବରିଷ୍ଠତା ଭିତ୍ତିରେ ପଦୋନ୍ନତି ଦେବାର ବ୍ୟବସ୍ଥା, ସଦସ୍ୟାଙ୍କୁ ନିରାପତ୍ତା ଯୋଗାଇଦେବା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମାଧ୍ୟମରେ ବୀମା ସୁବିଧା, ବୟସ ସୀମା ୬୫ ରଖାଯିବା ସହିତ ସେବା ନିବୃତ୍ତି ସମୟରେ ୫ଲକ୍ଷ ଟଙ୍କା ସହାୟତା, କାର୍ଯ୍ୟ ସମୟରେ ମୃତ୍ୟୁବରଣ କଲେ ପରିବାରବର୍ଗଙ୍କୁ ସହାୟତା ରାଶି ପ୍ରଦାନ କରାଯିବା ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ମିଶନ ଶକ୍ତି ଇସି ମହା ସଂଘର ସଦସ୍ୟାମାନେ ଯଯାତି କେଶରୀ ମେଡିକାଲ କଲେଜ ନିକଟରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମହାସଂଘ ସଭାନେତ୍ରୀ କୁମୁଦିନୀ ସ୍ୱାଇଁ, ସମ୍ପାଦିକା ସୌଦାମିନୀ ସାହୁଙ୍କ ନେତୃତ୍ୱରେ ରଶ୍ମିରେଖା ସ୍ୱାଇଁ, ସୁପ୍ରଭା ବେହେରା, ଜ୍ୟୋସ୍ନାରାଣୀ ସାହୁ, ଶ୍ରଦ୍ଧାଞ୍ଜଳି ନାୟକ, ରଶ୍ମିତା ଆଚାର୍ଯ୍ୟ, ସୁଚିତ୍ରା ନାୟକ, ବାସନ୍ତୀ ଓଝା, ଲକ୍ଷ୍ମୀପ୍ରିୟା ଗିରିଙ୍କ ସମେତ ଶତାଧିକ ମହିଳା ବିକ୍ଷୋଭରେ ସାମିଲ ହୋଇଥିଲେ।


ମିଶନ ଶକ୍ତିର ଇସି ସଦସ୍ୟାମାନେ ଜିଲାପାଳ ଅଫିସ ଘେରାଉ କରିଛନ୍ତି ।

**ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳିତ**

ଜଗତସିଂହପୁର, (ପ୍ରମୋଦ କୁମାର ନାୟକ): ଜଗତ୍‌ସିଂହପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ପ୍ରସନ୍ନ କୁମର ସାମନ୍ତରାୟ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ଛାତ୍ର ନେତା କୃଷ୍ଣଚନ୍ଦ୍ର ପ୍ରଧାନ, ବରିଷ୍ଠ କଂଗ୍ରେସ ନେତା ମହେଶ୍ୱର ବିଶ୍ୱାଳ, ଆର୍ତ୍ତତ୍ରାଣ ଖଟେଇ, ରବୀନ୍ଦ୍ର କୁମାର ସାହୁ, ରମେଶ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଥିଲେ।

# ଜାତୀୟସ୍ତରରେ ଅଳକା ଆଶ୍ରମକୁ ପହଞ୍ଚାଇବାକୁ ଉଦ୍ୟମ ହେବ

**ଅଳକା ଆଶ୍ରମର ୧୦୩ତମ ପ୍ରତିଷ୍ଠା ଦିବସ**

**ଚରଖା ପ୍ରତିଷ୍ଠା ସହ ବାପୁଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ଉନ୍ମୋଚନ**

ଜଗତ୍‌ସିଂହପୁର, ୩୦।୧
(ପ୍ରମୋଦ କୁମାର ନାୟକ)


ମହାତ୍ମା ଗାନ୍ଧୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ବିଧାୟକ ଅମରେନ୍ଦ୍ର ଦାସ ଓ ଅନ୍ୟମାନେ।

ସ୍ୱାଧୀନତା ଆନ୍ଦୋଳନରେ ଅଳକା ଆଶ୍ରମର ଅବଦାନ ଅତୁଳନୀୟ। ତତ୍କାଳୀନ ଉତ୍କଳର ଗାନ୍ଧୀ କୁହାଯାଉଥିବା ଗୋପବନ୍ଧୁ ଚୌଧୁରୀଙ୍କ ପୌରୋହିତ୍ୟରେ ସେତେବେଳେ ଏହି ଆଶ୍ରମ ପରିସରରେ ଉତ୍କଳ ଖଦୀ ମଣ୍ଡଳ କାର୍ଯ୍ୟ ଆରମ୍ଭ କରିଥିଲା। ଏହାର ୧୦୦ ବର୍ଷ ପରେ ପୁଣିଥରେ ସେହି ଅଳକା ଆଶ୍ରମ ପରିସରରେ ଉତ୍କଳ ଖଦୀ ମଣ୍ଡଳ ଦ୍ୱାରା ଚରଖା ପ୍ରତିଷ୍ଠା କରାଯାଇଛି। ଏନେଇ ଖୁସି ବ୍ୟକ୍ତ କରିଛନ୍ତି ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଓ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ। ଅଳକା ଆଶ୍ରମର ୧୦୩ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏହି ଦୁଇ ନେତା ମହାତ୍ମା ଗାନ୍ଧୀଙ୍କ ତ୍ୟାଗ ଓ ବଳୀଦାନକୁ ସ୍ମରଣ କରି ପ୍ରତ୍ୟେକ ଜାତୀୟତା ଭାବରେ ଉଦ୍‌ବୃଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅତିଥିଦ୍ୱୟ ଆଶ୍ରମ ପରିସରରେ ଚରଖା ପ୍ରତିଷ୍ଠା ସହ ମହାତ୍ମା ଗାନ୍ଧୀଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଗାନ୍ଧୀବାଦର ମନ୍ତ୍ର ସହ ସ୍ୱାଧୀନତା ସଂଗ୍ରାମକୁ ପୁରପଲ୍ଲୀରେ ପହଞ୍ଚାଇବା କ୍ଷେତ୍ରରେ ଅଳକା ଆଶ୍ରମର ଭୂମିକା ସମ୍ପର୍କିତ ଇତିହାସ ଯେପରି ଜାତୀୟସ୍ତରରେ ସ୍ଥାନ ପାଇବ ସେନେଇ ସମସ୍ତ ପ୍ରୟାସ କରାଯିବ ବୋଲି ମନ୍ତ୍ରୀ ସ୍ୱାଇଁ ଓ ବିଧାୟକ ଦାସ ପ୍ରକାଶ କରିଥିଲେ। ଗୌରାଙ୍ଗ ଚରଣ ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ଖଦୀ ମଣ୍ଡଳର ଅଧ୍ୟକ୍ଷ ବୈଷ୍ଣବ ଚରଣ ଦାସ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂ, ଉପାଧ୍ୟକ୍ଷ ରାଜେଶ କୁମାର ବିଷୋଇ, ଜଗତ୍‌ସିଂହପୁର ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୀମା ଜେନା, ସାମାଜିକ କର୍ମୀ ବିନାୟକ ପଟ୍ଟନାୟକ, ଅଳକା ଆଶ୍ରମର ଉପସଭାପତି ଅନ୍ତର୍ଯାମୀ ପଟ୍ଟନାୟକ, ପ୍ରଶାନ୍ତ ଦାସ, ବିଜୟ କୁମାର ରଥ, ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ ଓ ନେହେରୁ ଯୁବକେନ୍ଦ୍ରର କାର୍ଯ୍ୟନିର୍ବାହୀ ଅଧିକାରୀ ନିଖିଳ କୋକିଲା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ଆୟୋଜିତ ଉତ୍ସବରେ ପ୍ରଣବ ଦେ, ସ୍ନେହମୟୀ ଆଚାର୍ଯ୍ୟ, ଲୋଚନା ଦେଇ ଓ ତିଲୋତ୍ତମା ଦାସ ପ୍ରମୁଖ ବାପୁଙ୍କ ଉଦ୍ଦେଶ୍ୟରେ ନିଜର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମକୁ ଜ୍ୟୋତିରଞ୍ଜନ ପ୍ରଧାନ, ସୁଭାଷ ଚନ୍ଦ୍ର ରାଉତ, ଜ୍ଞାନରଞ୍ଜନ ଆଚାର୍ଯ୍ୟ, ନଗେନ୍ଦ୍ର ନାଥ ସ୍ୱାଇଁ, ନିରଞ୍ଜନ ବିଶ୍ୱାଳ, ଜିତୁ ପ୍ରସାଦ ମଲ୍ଲିକ, ଶରତ ଚନ୍ଦ୍ର ବେହେରା, ସୋମନାଥ ମହାରଣା ଏବଂ ଅଳକା ଆଶ୍ରମର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ମହାତ୍ମା ଗାନ୍ଧୀଙ୍କ ଶହୀଦ ଦିବସଠାରୁ ଶ୍ରୀପଞ୍ଚମୀ ପର୍ଯ୍ୟନ୍ତ ୪ ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବା ଲାଗି ଯୋଜନା ରହିଛି।

# ବିଦ୍ୟୁତ୍ ବିଭାଗର ଅନିୟମିତତା ଅଭିଯୋଗ


ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି।

**ବିଡିଓଙ୍କୁ ୬ ଦଫା ସ୍ମାରକପତ୍ର**

ଏରସମା,୩୦।୧ ( ଦୀପ୍ତି ଖଣ୍ଡୁଆଳ )

ଏରସମା ବ୍ଲକରେ କାର୍ଯ୍ୟରତ ବରିଷ୍ଠ ନାଗରିକ ମଞ୍ଚ ଓ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଗୁରୁବାର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ୬ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ରାଜ୍ୟରେ ୭୦ ପ୍ରତିଶତ ପରିବାର ଦରିଦ୍ର ସୀମାରେଖା ତଳେ ରହିଛନ୍ତି। ପରିବର୍ତ୍ତିତ ବିଦ୍ୟୁତ୍ ଦେୟ ଓ ମିଟର ଅଦଳବଦଳ ଯୋଗୁ ସେମାନଙ୍କ ଉପରେ ଅଧିକ ବୋଝ ପଡୁଛି। ଏନେଇ ପ୍ରିପେଡ୍ ସ୍ମାର୍ଟ ମିଟର ସଂଯୋଗ ବନ୍ଦ କରିବା, ବିଦ୍ୟୁତ୍ ସଂଶାଧନ ବିଲ – ୨୦୨୨ ପ୍ରତ୍ୟାହାର କରିବା, ଟାଇମ ଅଫ୍ ଡେ ତାରିଫ ଲାଗୁକରି ଅଧିକ ବିଦ୍ୟୁତ ଶୁଳ୍କ ନିର୍ଦ୍ଧାରଣ ପ୍ରସ୍ତାବ ବାତିଲ କରିବା, ବିଦ୍ୟୁତ ଶୁଳ୍କ ଆଦାୟ ନାଁରେ ଉପଭୋକ୍ତାଙ୍କୁ ଶୋଷଣ ବନ୍ଦ କରିବା, ବିଦ୍ୟୁତ୍ ସେବାର ଘରୋଇକରଣ ବନ୍ଦ କରିବା, ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ୩୦୦ ୟୁନିଟ ଦେୟ ମୁକ୍ତ ବିଦ୍ୟୁତ ଯୋଗାଣ ଦେବା ଲାଗି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପୂରଣ ନ ହେଲେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି। ବିଡିଓ ଦାଶରଥି ଜେନାଙ୍କୁ ଦାବିପତ୍ର ପ୍ରଦାନ ସମୟରେ ସଚେତନ ନାଗରିକ ମଞ୍ଚର ମୁଖ୍ୟ ଉପଦେଷ୍ଟା ପ୍ରସନ୍ନ କୁମାର କୁଅଁର, ସାମାଜିକ କର୍ମୀ ନରେନ୍ଦ୍ର କୁମାର ସ୍ୱାଇଁ, ନିବାରଣ ନାୟକ, ଶହେ ଘର କମିଟି ସଭାପତି ଅମୁଲ୍ୟ କୁମାର ବିଶ୍ୱାଳ, ଧ୍ୱଜରାଜ ଖଣ୍ଡୁଆଳ, ଅଖିଳ ଭାରତ କୃଷକ ସଭାର ରାଜ୍ୟ ସଭାପତି ଶଶୀ ଭୂଷଣ ସ୍ୱାଇଁ, ମାଥୁରୀ ସେଠୀ, ସଚେତନ ନାଗରିକ ମଞ୍ଚର ସଭାପତି ପ୍ରବୀର ପଣ୍ଡା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

# ରୋଗ, ପୋକ ଦାଉରୁ ରକ୍ଷା ପାଇବାକୁ ଗୁରୁତ୍ୱ

**ଉଦ୍ୟାନ କୃଷି କର୍ମଶାଳା**

ନାଉଗାଁ,୩୦।୧ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ କାଦମ୍ବିନୀ ମଣ୍ଡପ ପରିସରରେ ଗୁରୁବାର ଉଦ୍ୟାନକୃଷି ନିର୍ଦ୍ଦେଶାଳୟ ଓଡିଶା ସରକାରଙ୍କ ସହାୟତାରେ ଏକ ଦିବସୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଭାରାପ୍ରାପ୍ତ ଉଦ୍ୟାନ ଅଧିକାରୀ ଦୁର୍ଗା ଚରଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ଅମରେନ୍ଦ୍ର ଦାସ, ବିଡିଓ ତପନ ମହାପାତ୍ର, ଜିଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ସାମାଜିକ କର୍ମୀ ଦିଲୀପ ଲେଙ୍କା, ବ୍ଲକ କୃଷି ଅଧିକାରୀ ଯଗସ୍ମିତା ପାତ୍ର, କୃଷି ବିଜ୍ଞାନ କେନ୍ଦ୍ରର ରୋଗପୋକ ବିଶେଷଜ୍ଞ ଦେବାଶିଷ ପଣ୍ଡା, ବୈଜ୍ଞାନିକ ରବୀନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ଗାଁ ଗହଳିର ଚାଷୀମାନେ ଯେଉଁ ସବୁ ଉଦ୍ୟାନ କୃଷ କରୁଛନ୍ତି, ତାହାକୁ କିପରି ରୋଗ, ପୋକ ଦାଉରୁ ରକ୍ଷା କରିପାରିବେ ଓ କେଉଁ ରୋଗ ହେଲେ କେଉଁ କୀଟନାଶକ ବ୍ୟବହାର କରିବେ ସେ ବିଷୟରେ ସବିଶେଷ ଆଲୋଚନା କରାଯାଇଥିଲା। ପ୍ରଶିକ୍ଷକ ଭାବେ କୃଷି ବିଜ୍ଞାନ କେନ୍ଦ୍ରର ରୋଗପୋକ ବିଶେଷଜ୍ଞ ଦେବାଶିଷ ପଣ୍ଡା ଓ ବୈଜ୍ଞାନିକ ରବିନ୍ଦ୍ର ନାୟକ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଚାଷୀମାନେ ଉପକୃତ ହେବାସହ ଉଦ୍ୟାନ କୃଷି ପାଇଁ ଆଗ୍ରହ ପ୍ରକାଶ କରିବେ। ଏଭଳି କାର୍ଯ୍ୟକ୍ରମକୁ ବ୍ଲକସ୍ତରରେ କରା ନ ଯାଇ ପଞ୍ଚାୟତ ସ୍ତରରେ କରିବା ସହ ସମସ୍ତ ପଞ୍ଚାୟତ ପ୍ରତିନିଧିଙ୍କୁ ସାମିଲ କରିବାକୁ ବିଧାୟକ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ବହୁ ଚାଷୀ ଯୋଗଦେଇଥିଲେ।

# ପାନୀୟଜଳ, ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ



ପଞ୍ଚାୟତ ସମିତି ବୈଠକରେ ଏମ୍‌ପି ବିଭୁପ୍ରସାଦ ତରାଇ, ବିଧାୟକ ସାରଦାପ୍ରସନ୍ନ ଜେନା ଓ ଅନ୍ୟମାନେ।

ବାଲିକୁଦା,୩୦।୧ (ତାପସ ସ୍ୱାଇଁ)

**ସପ୍ତମ ପଞ୍ଚାୟତ ସମିତି ବୈଠକ**

ବାଲିକୁଦା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଦ୍‌ଭାବନା କକ୍ଷରେ ଗୁରୁବାର ପଞ୍ଚାୟତ ସମିତିର ସପ୍ତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରକାଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏମ୍‌ପି ବିଭୁପ୍ରସାଦ ତରାଇ, ବାଲିକୁଦା–ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଅତିଥିଭାବେ ଯୋଗଦେଇଥିବା ବେଳେ ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉର, ଜିଲାପରିଷଦ ସଦସ୍ୟ ଜଟାଧାରୀ ଦାସ, ଗୁନ୍ନିଲତା ବେହେରା, ଡଲି ପଣ୍ଡା, ବିଡିଓ ବିକାଶ ମହାନ୍ତି, ଏବିଡିଓ ସଞ୍ଜୟ ଦାସ, ନିର୍ବାହୀ ଯନ୍ତ୍ରୀ ଦୀପ୍ତିରେଖା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ପାନୀୟ ଜଳ ସମସ୍ୟା ଧୀରେ ଧୀରେ ଜଟିଳ ରୂପ ନେବାକୁ ବସିଥିବା ବେଳେ ପାଇପ ବିଛା ନାଁରେ ରାସ୍ତା ଖୋଳି ପକାଇ ଦିଆଯାଇଛି। ଏହାକୁ ମରାମତି କରାଯାଉ ନଥିବା ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେହିପରି ବାଲିକୁଦା ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ବିପର୍ଯ୍ୟୟ ହୋଇପଡ଼ିଛି। ରୋଗୀ ସେବା ସାଙ୍ଗକୁ ବିଭିନ୍ନ ବିଭାଗର ଅଧିକାରୀମାନେ ପଞ୍ଚାୟତ ସମିତି ବୈଠକରେ ଯୋଗ ଦେଉନଥିବାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏବିଡିଓ ସଂଜୟ ଦାସ ପୂର୍ବ ବୈଠକର ବିବରଣୀ ପାଠ କରିବା ସହିତ ପଞ୍ଚାୟତଗୁଡ଼ିକରେ ଚାଲିଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ବୈଠକରେ ମହିଳା ଶିଶୁ ବିକାଶ, ଖାଉଟି କଲ୍ୟାଣ, ଭତ୍ତା ପ୍ରଦାନ, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ପରିମଳ, ଗମନା ଗମନ ଓ ଉନ୍ନୟନ ଭଳି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇ ଥିଲା। ଏଥିରେ ୩୦ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ରହ ନିଜ ଅଞ୍ଚଳର ସମସ୍ୟା ଉପରେ ଦୃଷ୍ଟିଆର୍କଷଣ କରିଥିଲେ। ବ୍ଲକ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ। ଉପାଧ୍ୟକ୍ଷା ପଲାଉର ଧନ୍ୟବାଦ ଦେଇଥିଲେ। ଜିପିଡିଓ ରୋଜାଲିନ ତ୍ରିପାଠୀ, ସମାଜମଙ୍ଗଳ ଅଧିକାରୀ ଦିପକ ଓଝା ଉପସ୍ଥିତ ଥିଲେ।

# ଆନ୍ଦୋଳନକୁ ଓହ୍ଲାଇଲେ ଠିକା କର୍ମଚାରୀ

ଜଗତ୍‌ସିଂହପୁର, ୩୦।୧(ପ୍ରମୋଦ କୁମାର ନାୟକ)

ବିରିଡି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଆକାଉଣ୍ଟାଣ୍ଟ ଓ ପ୍ଲାନିଂ କୋଅର୍ଡିନେଟରମାନେ (ଠିକା କର୍ମଚାରୀ ମାନେ) କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବିଭିନ୍ନ ଦାବି ନେଇ ରାଜ୍ୟ ଆକାଉଟାଣ୍ଟ କମ୍ ସପୋର୍ଟ ଷ୍ଟାଫ ଏବଂ ଏମ୍‌ଆଇଏସ୍ କମ୍ ପ୍ଲାନିଂ କୋ–ଅର୍ଡିନେଟର ସଂଘର ଡାକରାରେ ଏହି ଆନ୍ଦୋଳନ ମୁଣ୍ଡ ଟେକିଥିବାବେଳେ ଏଥିରେ ବିରିଡି ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ କାର୍ଯ୍ୟରତ ଶତ୍ରୁଘନ ନାଥ, ସୌମ୍ୟ ରଥ, ସରୋଜ ବେହେରା, ମିର୍ଜା ଇସ୍ଲାଉଦ୍ଦିନ ପ୍ରମୁଖ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏଥିସହ ଦାବି ପୂରଣ କରିବାକୁ ଗୁରୁବାର ଏହି ମର୍ମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଇଓ ସୌଦାମିନୀ ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, କର୍ମଚାରୀମାନେ ୨୦୧୨ଠାରୁ ଦୀର୍ଘ ୧୨ବର୍ଷ ଧରି ସ୍ୱଳ୍ପ ଦରମାରେ ନିରବଚ୍ଛିନ୍ନ ଭାବେ କୁଶଳତାର ସହ କାର୍ଯ୍ୟ କରି ଆସୁଛନ୍ତି। ସେମାନେ ରାଜ୍ୟ ସରକାରଙ୍କ ନିୟମିତ ପଦବୀରେ ଅବସ୍ଥାପିତ ହେବାପାଇଁ ସମସ୍ତ ସର୍ତ୍ତାବଳୀ ପୂରଣ କରୁଥିଲେ ସୁଦ୍ଧା ଏଯାବତ ସେମାନଙ୍କ ଚାକିରୀକୁ ନିୟମିତ କରାଯାଇନାହିଁ। ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏହି ଆନ୍ଦୋଳନ କରାଯାଇଛି। ସମ୍ପୃକ୍ତ କର୍ମଚାରୀଙ୍କୁ ରାଜ୍ୟ ସରକାରୀଙ୍କ ପରି ଷଷ୍ଠ ବେତନ ହାରରେ ଦରମା ପ୍ରଦାନ, ଅବସରକାଳୀନ ଭତ୍ତା, ମେଡିକାଲ ଅଲଆଉନ୍ସ ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବା ପାଇଁ ଦାବ କରାଯାଇଛି।


ବିଇଓ ସୌଦାମିନୀ ମହାପାତ୍ରଙ୍କୁ ଦାବିପତ୍ର ଦିଆଯାଉଛି।

# ଶିଳ୍ପ ପ୍ରଭାବ: ଗଛପତ୍ର ପୋଡ଼ିବା ଅଭିଯୋଗ

ପାରାଦୀପ,୩୦।୧(ଶରତ ରାଉତ)

ପାରାଦୀପ ମଧୁବନ ବୃନ୍ଦାବନ କଲୋନୀ ଅଞ୍ଚଳରେ ଗଛ, ପତ୍ର ପୋଡି ଯିବା ଘଟଣାକୁ ନେଇ ଗୁରୁବାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟରେ ଅଭିଯୋଗ ହୋଇଛି। ପରିବେଶ ସୁରକ୍ଷା ଟ୍ରଷ୍ଟ ନାମକ ସ୍ୱେଚ୍ଛାସେବୀ ସଂଗଠନ ସମ୍ପାଦକ ଶିବ ବିଶ୍ୱାଳ ଏହି ଅଭିଯୋଗ କରିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଯେ, ଏକ କାରଖାନାରୁ ରସାୟନ ନିର୍ଗତ ହୋଇ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପ୍ରଭାବ ପକାଉଛି। ଏହାଦ୍ୱାରା ଅନେକ ଗଛ ପତ୍ର ପୋଡି ଗଲାଣି। ଏଥିସହ କିଛି ଗଛ ମରି ଗଲାଣି।ଏହାର ତଦନ୍ତ ପାଇଁ ସେ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ପ୍ରଦୂଷଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍କରଚନ୍ଦ୍ର ବେହେରାଙ୍କୁ ପଚାରିଲେ କୁହନ୍ତି, ଆମେ ଗୁରୁବାର ଏକ ଟିମ୍ ଜରିଆରେ ତଦନ୍ତ କରିଥିଲୁ। ସେପରି କୌଣସି ରସାୟନ ନିର୍ଗତ ହେବାର ଲକ୍ଷଣ ଦେଖିନାହୁଁ। ଏବେ ବସନ୍ତ ଆଗମନ ଯୋଗୁ ଗଛ ପତ୍ର ଝଡା ହୋଇ ଥାଇପାରେ ବୋଲି ସେ ଆଶଙ୍କା କରିଛନ୍ତି।

# ଅଡ଼ଙ୍ଗଗଡ଼ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ତୁରନ୍ତ ଫାର୍ମାସିଷ୍ଟ ଦେବାକୁ ଦାବି

ଜଗତସିଂହପୁର,୩୦।୧(ପ୍ରମୋଦ କୁମାର ନାୟକ)

**ଜିଲାପାଳ, ସ୍ୱାସ୍ଥ୍ୟଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ**

ଜଗତ୍‌ସିଂହପୁର ଜିଲା ସ୍ୱାସ୍ଥ୍ୟ ବିଭାଗର ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଅଡଙ୍ଗଗଡ଼ ଉପସ୍ୱାସ୍ଥ୍ୟ କେନ୍ଦ୍ରର କାର୍ଯ୍ୟରତ ଫାର୍ମାସିଷ୍ଟ ସୁକାନ୍ତ କୁମାର ବେହେରା ଚଳିତ ମାସ ଶେଷରେ ଅବସର ଗ୍ରହଣ କରୁଛନ୍ତି। ଏହାଦ୍ୱାରା ସ୍ୱାସ୍ଥ୍ୟ କେନ୍ଦ୍ରରେ ଉକ୍ତ ପଦ ଖାଲି ପଡ଼ିବ। ତେଣୁ ଉକ୍ତପଦରେ ତୁରନ୍ତ ବେହେରାଙ୍କ ସ୍ଥାନରେ ଅନ୍ୟ ଜଣଙ୍କୁ ଅବସ୍ଥାପିତ କରିବାପାଇଁ ଅଡଙ୍ଗଗଡ଼ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ମଞ୍ଚ ପକ୍ଷରୁ ସଭାପତି ପଦ୍ମଲାଭ ଭୋଇଙ୍କ ସମେତ ଲିଙ୍ଗରାଜ ମଲ୍ଲ, ପ୍ରଦୀପ୍ତ କିଶୋର ରାୟ, ପ୍ରଫୁଲ୍ଲ କୁମାର ଦାସ, ଅକ୍ଷୟ କୁମାର ଦାସ, ସୁଧାଂଶୁ ସାହୁ, ବିଜୟ କୁମାର ଦାସ ପ୍ରମୁଖଙ୍କ ଏକ ପ୍ରତିନିଧି ଦଳ ଜିଲାପାଳ ଓ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି।

# ଓଡ଼ିଶୀ ସଙ୍ଗୀତକୁ ରାଷ୍ଟ୍ରୀୟ ମାନ୍ୟତା ମିଳୁ

ରଘୁନାଥପୁର,୩୦।୧
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ପୂରଣ ଓଡ଼ପଡ଼ାସ୍ଥିତ ସଂକେତ ବୈଷୟିକ ଶିକ୍ଷାନୁଷ୍ଠାନର ୧୮ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଅନୁଷ୍ଠାନର ମୁଖ୍ୟ ବଦ୍ରି ନାରାୟଣ ମହାନ୍ତି ପୌରୋହିତ୍ୟ କରିବା ସହ ସଭା ପରିଚାଳନା କରିଥିଲେ। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟାପକ ଗୁରୁ ନିମାକାନ୍ତ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାଚୀନ କଳା ଓ ସଂସ୍କୃତିକୁ ଉଜ୍ଜୀବିତ କରି ରଖିଥିବା ତଥା ଏହି ଅନୁଷ୍ଠାନରୁ ଶିକ୍ଷା ଗ୍ରହଣ କରି ଅନେକ ଛାତ୍ରୀଛାତ୍ର ନିଯୁକ୍ତି ପାଇଥିବା ବିଷୟ ସ୍ୱାଗତଯୋଗ୍ୟ ବୋଲି କହିଥିଲେ। ତେବେ ଓଡ଼ିଶାର ସଂସ୍କୃତିକୁ ବଞ୍ଚାଇ ରଖିବାକୁ ହେଲେ ଓଡ଼ିଶୀ ସଙ୍ଗୀତକୁ ରାଷ୍ଟ୍ରୀୟ ମାନ୍ୟତା ମିଳିବା ଦରକାର ବୋଲି ସେ ମତବ୍ୟକ୍ତ କରିଥିଲେ। ଏଥିପାଇଁ ସମସ୍ତେ ସ୍ୱର ଉତ୍ତୋଳନ କରିବା ପାଇଁ ଗୁରୁ ରାଉତରାୟ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରାକ୍ତନ ବିଜ୍ଞାନ ସଂଯୋଜକ ସୁବାସ ଚନ୍ଦ୍ର ରାଉତ ଓ ଅଧ୍ୟାପକ ଆଇଜାକ ମହାନ୍ତି ଯୋଗଦେଇ ବେକାର ଯୁବତୀ ଯୁବକଙ୍କୁ ବୈଷୟିକ ତାଲିମ ପ୍ରଦାନ କରି ଆତ୍ମନିର୍ଭରଶୀଳ କରି ପାରୁଥିବା ଶିକ୍ଷାନୁଷ୍ଠାନର ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସ୍ୱାବଲମ୍ବୀ ହୋଇପାରୁଥିବା ମହିଳା ଏସ୍‌ଏଚଜି ମା'ଦୁର୍ଗା ଉତ୍ପାଦିକା ଗୋଷ୍ଠୀ ଓ କୁଆମଙ୍ଗା ଅଗରବତି ଉତ୍ପାଦିକା ଗୋଷ୍ଠୀ ଏବଂ ସେମାନଙ୍କ ପ୍ରଚ୍ଛଦ ପଟରେ ଲାଗିରହିଥିବା ସିଡସି ସଂସ୍ଥାର ମୁଖ୍ୟ ସତ୍ୟବ୍ରତ ବାଇ, ବ୍ଲକ ଓଏଲଏମ୍, ବିପିଏମ ଲିପିକା ଷଡ଼ଙ୍ଗୀ ଓ ମିଶନଶକ୍ତି ବିପିସି ଶଶାଙ୍କ ଶେଖର ସ୍ୱାଇଁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନରୁ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର, ଶିଳ୍ପୋଦ୍ୟୋଗୀ ଓ ଅଞ୍ଚଳର ଯୋଗ୍ୟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସୌମ୍ୟ ବିଶ୍ୱଜିତ୍, ବିଜୟଲକ୍ଷ୍ମୀ ରାଉତ, ଦୀକ୍ଷା ମହାନ୍ତି ଓ ସୌମ୍ୟକାନ୍ତ ମଲ୍ଲିକ ଓଡିଶୀ ସଙ୍ଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ରଞ୍ଜିତ କୁମାର ସାହୁ ବିବରଣୀ ପାଠ କରିଥିଲେ। ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ମହାନ୍ତି ଧନ୍ୟବାଦ ଦେଇଥିଲେ। ଆଲୋକ ଦାଶ, ବିଜୟ କୁମାର ସାହୁ, ନାରାୟଣ ଦାସ, ବିନୋଦିନୀ ଶତପଥୀ, ବିଶରୂପା ଦାସ, ପୂଜାରାଣୀ ମଲ୍ଲିକ, ଶୁଭଲକ୍ଷ୍ମୀ ମହାପାତ୍ର, ସତ୍ୟଜିତ ବିଶ୍ୱାଳ, ସୁବ୍ରତ ଶର୍ମା, ଶରତ ପରିଡା ଓ ରାଜେଶ ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି, ସମ୍ବର୍ଦ୍ଧିତ ପ୍ରତିଭା ଓ ଅନ୍ୟମାନେ।

# ବ୍ୟାପକ ସଚେତନତା ଉପରେ ଗୁରୁତ୍ୱ

**ଜିଲା ମୁଖ୍ୟ ଚିକିତ୍ସାଳୟରେ ଜାତୀୟ କୁଷ୍ଠ ନିରାକରଣ ଦିବସ**

**ରୋଗ ନିରାକରଣ ପାଇଁ ଆନ୍ତରିକତାପୂର୍ଣ୍ଣ ପଦକ୍ଷେପ ନାହିଁ**

ଜଗତ୍‌ସିଂହପୁର ୩୦।୧ (ପ୍ରମୋଦ କୁମାର ନାୟକ)



ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

କୁଷ୍ଠ ରୋଗରୁ ମୁକ୍ତ ହେବା ସମ୍ଭବ। ଏହାର ଚିକିତ୍ସା ସମସ୍ତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଗଣାରେ ଉପଲବ୍ଧ। ପ୍ରାରମ୍ଭରୁ ଚିକିତ୍ସିତ ହେଲେ ବିକଳାଙ୍ଗ ହେବାରୁ ରକ୍ଷା ପାଇହେବ। ଏହି ବାର୍ତ୍ତା ପ୍ରତ୍ୟେକଙ୍କ ପାଖରେ ପହଞ୍ଚାଇବା ପାଇଁ ପ୍ରତିବର୍ଷ ପରି ଚଳିତବର୍ଷ କୁଷ୍ଠ ରୋଗ ନିରାକରଣ ଦିବସ ପାଳିତ ହୋଇଯାଇଛି। ଏହି ରୋଗ ନିରାକରଣ ପାଇଁ ସରକାରୀସ୍ତରରେ ବହୁ ଅର୍ଥ ଖର୍ଚ୍ଚ ସତ୍ତ୍ୱେ ଲକ୍ଷ୍ୟ ପୂରଣ ହୋଇପାରିନାହିଁ। ଏପରିକି କୁଷ୍ଠ ରୋଗୀଙ୍କ ପ୍ରତି ଲୋକଙ୍କ ଭିତରେ ଥିବା ଧାରଣା ମଧ୍ୟ ପୂର୍ଣ୍ଣ ଭାବେ ଏ ପର୍ଯ୍ୟନ୍ତ ଦୂର ହୋଇନାହିଁ। ଏନେଇ ଅନେକ କିଛି କୁହାଯାଉଥିବା ବେଳେ ବିଶେଷକରି ସରକାରୀସ୍ତରରେ ଆନ୍ତରିକତାପୂର୍ଣ୍ଣ ଭାବେ ରୋଗ ନିରାକରଣ କିମ୍ବା ଏହି ରୋଗୀଙ୍କ ପ୍ରତି ଲୋକଙ୍କ ମନରେ ଥିବା ଧାରଣା ଦୂର ପାଇଁ ବ୍ୟାପକ ସଚେତନତା କରାଯାଉନାହିଁ। କେବଳ ଉପରଠାଉରିଆ ଭାବେ ପ୍ରତିବର୍ଷ କୁଷ୍ଠ ନିରାକରଣ ଦିବସ ପାଳନ କରାଯାଇ ଦାୟିତ୍ୱ ସମ୍ପାଦନ କରାଯାଉଥିବା ଅଭିଯୋଗ ହେଉଛି।

ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ଜାତୀୟ କୁଷ୍ଠ ନିରାକରଣ ଦିବସରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶତ୍ରୁଘ୍ନ ଦାସ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଜୁ ପଟ୍ଟନାୟକ ଛକ, ଜିଲା ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ପଥପ୍ରାନ୍ତ ପାଲା ମାଧ୍ୟମରେ ସଚେତନତା ପାଇଁ ଚେଷ୍ଟା କରାଯାଇଥିଲା। ଏହାପରେ ଏକ ସାଧାରଣ ସଭା ଆୟୋଜନ ହୋଇଥିଲା। ଏଥିରେ ସ୍ଥାନୀୟ ୨ଟି ନର୍ସିଂ ଅନୁଷ୍ଠାନର ଛାତ୍ରୀଛାତ୍ର, ଜିଲାର ବହୁମୁଖ ସ୍ୱାସ୍ଥ୍ୟକର୍ମୀ ଓ ଅନ୍ୟ କର୍ମଚାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଥିଲା ଯେ, ସାମୂହିକ ସଚେତନତା ଦ୍ୱାରା ସମସ୍ତ ଭୁଲ ଧାରଣା ଦୂରେଇ ଦେଇ ହେବ। ସମାଜରେ ଜଣେ ମଧ କୁଷ୍ଠ ରୋଗାକ୍ରାନ୍ତ ବ୍ୟକ୍ତି ଅବହେଳିତ ହୋଇ ରହିବେ ନାହିଁ ଶୀର୍ଷକ ବାର୍ତ୍ତା ଉପରେ ସଭାରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ରଶ୍ମିରଞ୍ଜନ ପଟ୍ଟନାୟକ, ଡା. ସ୍ମୃତିରଞ୍ଜନ ପଣ୍ଡା, ବିକା ରାଉତ, ହେମନ୍ତ କୁମାର ମୁଦୁଲି ଓ ମହେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଏମ୍‌ଡ଼ି ୱାକର ଅଲ୍ଲି ଧନ୍ୟବାଦ ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ଦୁଇ ସପ୍ତାହ ଧରି ସମସ୍ତ ଗ୍ରାମ ପଞ୍ଚାୟତରେ ଜାରି ରହିବ ବୋଲି ସୂଚନା ଦିଆଯାଇଛି।

# ରାଜପଥ ସାଜିଛି ଗୋରୁଙ୍କ ଆଶ୍ରୟସ୍ଥଳ

ନୟାଗଡ଼,୩୦।୧(ଲୋକନାଥ ମିଶ୍ର)

- ଘରେ ଗୁହାଳ ନ କରି ରଖୁଛନ୍ତି ଗାଈ
- ଦୁର୍ଘଟଣାରେ ଯାଉଛି ଜୀବନ
- ଗୋରୁ ଧକ୍କାରେ ଜଣେ ମୃତ, ୧୮୯ ଆହତ
- କାମ କରୁନି ସଚେତନତା, କଟକଣା

ଘରେ ଗୁହାଳ ନ କରି ଗାଈ ରଖିବା ପରି କାରଣରୁ ନୟାଗଡ଼ ସହରରେ ଦୁର୍ଘଟଣା ବଢୁଛି। ଗୋରୁ ଓ କୁକୁରଙ୍କ ଯୋଗୁ ନୟାଗଡ଼ ସହରର ରାସ୍ତା ନିରାପଦ ନୁହେଁ। ସହରର ବିପର୍ଯ୍ୟସ୍ତ ଟ୍ରାଫିକ ଓ ଦୁର୍ଘଟଣାକୁ ଏଡାଇବା ପାଇଁ ଗୋରୁ ଗାଈଙ୍କ ଉପରେ ନୟାଗଡ଼ ମ୍ୟୁନିସିପାଲିଟି ୨୦୨୩ ଅକ୍ଟୋବରରେ ଲଗାଇଥିବା କଟକଣା ବାଟବଣା ହୋଇ ଯାଇଛି। ଗୋରୁ କଟକଣା ନିଷ୍ପତ୍ତି ଶୀତଳ ଭଣ୍ଡାରରେ ରହି ଯିବାରୁ ଗୋରୁ ଧକ୍କାରେ ଗତ ୨ବର୍ଷ ମଧ୍ୟରେ ଜଣେ ପ୍ରାଣ ହରାଇ ସାରିଥିବାବେଳେ ୧୮୯ଜଣ ଆହତ ହୋଇ ସାରିଲେଣି। ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଖୋର୍ଦ୍ଧା ରୋଡ଼ରୁ ଦଶପଲ୍ଲା ରୋଡ଼, ୨୧ ନଂ. ରାଜ୍ୟ ରାଜପଥ ନୟାଗଡ଼ ନାଉଖାଲ ରାସ୍ତା ଓ ନୟାଗଡ଼- ଖଣ୍ଡପଡ଼ା ରାସ୍ତାର ନୟାଗଡ଼ ସହର ପାଲଟିଛି ଗୋରୁ, ଗାଈ ଓ କୁକୁରଙ୍କ ଆଶ୍ରୟ ସ୍ଥଳ। ମ୍ୟୁନିସିପାଲିଟି ପକ୍ଷରୁ ଏନେଇ ପଦକ୍ଷେପ ନ ଥିବାରୁ ଆଗାମୀ ଦିନରେ ଏହା ଘାତକ ସାଜିପାରେ ବୋଲି ମତ ପ୍ରକାଶ ପାଇଛି।

ଜିଲା ସଦର ମହକୁମାରେ ଥିବା ନୟାଗଡ଼ ମ୍ୟୁନିସିପାଲିଟିରେ ଗାଈ ଗୋରୁ ଓ କୁକୁର ରାସ୍ତାଘାଟରେ ସବୁବେଳେ ବୁଲୁଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ସହର ଦେଇ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ଓ ୨୧ ନଂ. ନୟାଗଡ଼ ନାଉଖାଲ ରାଜ୍ୟ ରାଜପଥ ଯାଇଛି। ସେହିଭଳି ନୟାଗଡ଼-ଖଣ୍ଡପଡ଼ା ରାସ୍ତା ମଧ ଯାଇଛି। ଉଭୟ ରାଜପଥ ଓ ନୟାଗଡ଼ ଖଣ୍ଡପଡ଼ା ରାସ୍ତାରେ ଗାଈ ଓ କୁକୁରଙ୍କ ଉତ୍ପାତ ବଢ଼ି ଚାଲିଛି। ଗୋରୁ ମାଲିକମାନେ କ୍ଷୀର ଦୁହିଁ ଗାଈକୁ ବଜାରକୁ ଛାଡି ଦେଉଛନ୍ତି। ଟିକିଏ ଅସାବଧାନତା ଓ ଅନ୍ୟମନସ୍କ ରହିଲେ ପାର୍କିଂରେ ରହିଥିବା ବାଇକ୍ ଥିବା ଖାଦ୍ୟ ଓ ପନିପରିବାକୁ ଗାଈ ଓ କୁକର ଖାଇବା ସହ ନଷ୍ଟ କରି ଦେଉଛନ୍ତି। ପୁଣି ଚଳନ୍ତା ଯାନବାହାନ ଆଗରେ ହଠାତ ଯିବା ଦ୍ୱାରା ଦୁର୍ଘଟଣା ବି ଘଟୁଛି। ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ବାରମ୍ବାର ତାଗିଦ୍ ପରେ ସୁଫଳ ମିଳି ନ ଥିଲା। ଶେଷରେ ବିପର୍ଯ୍ୟସ୍ତ ଟ୍ରାଫିକକୁ ସୁଧାରିବାକୁ ନୟାଗଡ଼ ମ୍ୟୁନିସିପାଲିଟି ଉଦ୍ୟମ କରଥିଲା। ରାସ୍ତାରେ ଗାଈଗୋରୁ ବୁଲିଲେ ସେମାନଙ୍କୁ ଧରି ଗୋଶାଳାରେ ରଖାଯିବ। ଗୋ ମାଲିକ ଜରିମାନା ଦେଲେ ଛଡାଯିବ। କେହି ଦାବିଦାର ନ ଥିଲେ ବିକ୍ରି ବି କରାଯିବ। ଗୋରୁଗାଈଙ୍କ ଉପରେ ଲାଗିଥିବା କଟକଣା ନେଇ ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ସଚେତନତା ମଧ୍ୟ କରିଥିଲା। ସଫେଇ ଗାଡିରେ ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ୨୦୨୩ ଅକ୍ଟୋବର ମାସରେ ପ୍ରଚାର କରାଯାଇଥିଲା। ଅନ୍ୟପକ୍ଷେ ଗତ ୨୦୨୩ ଅକ୍ଟୋବର ୨୦ ତାରିଖ ଶୁକ୍ରବାର ମ୍ୟୁନିସିପାଲିଟି ପକ୍ଷରୁ କରାଯାଇଥିବା କାଉନସିଲ ବୈଠକରେ ରାସ୍ତାରେ ବୁଲୁଥିବା ଗୋରୁଙ୍କ ଉପରେ କଟକଣା ଲାଗୁ କରିବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ୨୦୨୩ ଅକ୍ଟୋବର ଯାଇ ୨୦୨୫ ଜାନୁଆରୀ ମାସ ଶେଷ ହୋଇ ଯିବ। ହେଲେ ସହରର ରାସ୍ତା, ଗଳି କନ୍ଦିରେ ଘୁରି ବୁଲୁଥିବା ଗୋରୁ ଓ କୁକୁରଙ୍କ ଉପରେ ଲାଗିଥିବା କଟକଣା କାର୍ଯ୍ୟକାରି ହୋଇ ପାରିଲା ନାହିଁ। ରାସ୍ତାରେ ଗୋରୁଗାଈଙ୍କ ବିଚରଣକୁ ଅନୁଧ୍ୟାନ କଲେ ନୟାଗଡ଼ ମ୍ୟୁନିସିପାଲିଟିର ପ୍ରଚାର ଗୋରୁ ମାଲିକଙ୍କ ଉପରେ କୌଣସି ପ୍ରଭାବ ପକାଇଲା ନାହିଁ ବୋଲି ସ୍ପଷ୍ଟ ହେଉଛି। ପୁଣି କଟକଣା ବାଟବଣା ହୋଇ ଯିବାରୁ ଟ୍ରାଫିକ ସେବା ବିପର୍ଯ୍ୟସ୍ତ ହୋଇ ଚାଲିଛି।

ଏନେଇ ନୟାଗଡ଼ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ କୁହନ୍ତି, ବିପର୍ଯ୍ୟସ୍ତ ଟ୍ରାଫିକ ସେବାକୁ ସୁଧାରିବାକୁ ଯାଇ ଗାଈ ଗୋରୁଙ୍କ ଉପରେ ଲଗାମ ଲଗାଇବାକୁ ନିଷ୍ପତ୍ତି ହୋଇଥିଲା। ରାସ୍ତାରୁ ଗୋରୁ ହଟିଲେ ଟ୍ରାଫିକ ବିଶୃଙ୍ଖଳା ଦୂର ହେବ ବୋଲି ଆଶା କରାଯାଉଥଲା। କଟକଣା ଲାଗୁ ପରେ କେତେଜଣ ଗୋରୁ ମାଲିକ ଅସନ୍ତୁଷ୍ଟ ହେଲେ। ଅନ୍ୟପକ୍ଷେ ଏବେ ପୁଣିଥରେ କଟକଣା ଲାଗୁ କରାଯିବାକୁ ପ୍ରୟାସ ଚାଲିଛି। ସହରରେ ଏକ ସ୍ଥାନ ଚିହ୍ନଟ କରି ଗୋଶାଳା କରାଯିବାକୁ ତହସିଲଦାରଙ୍କ ସହ ଆଲୋଚନା ହୋଇଛି। ପୁଣି ସଚେତନତା କରାଯାଇ ଗୋରୁଙ୍କୁ ଗୋଶାଳାରେ ରଖାଯିବ। ପୋଲିସ ଠାରୁ ଅନୁମତି ନେଇ ଗାଈ ମାଲିକ ଗୋରୁ ଆଣି ପାରିବେ। ଗୋରୁ କଟକଣାକୁ ପୁଣି ଲାଗୁ କରାଯିବ ବୋଲି କହିଛନ୍ତି। କାଉନସିଲର ଜାନକୀ ଜେନା କୁହନ୍ତି, ଗୋ କଟକଣା ପୁଣି କାର୍ଯ୍ୟକାରୀ ହେବ। ଗୋରୁଙ୍କ ଯୋଗୁ ଦୁର୍ଘଟଣା ବଢ଼ିବା ସହ ସହର ଟ୍ରାଫିକ ସେବା ବିପର୍ଯ୍ୟସ୍ତ ହେଉଛି ବୋଲି ସେ କହିଛନ୍ତି।

## ମନୋଜ ସଭାପତି, ହୃଷୀକେଶ ସମ୍ପାଦକ


ମନୋଜ କୁମାର ମିଶ୍ର


ହୃଷୀକେଶ ମିଶ୍ର

ଖଣ୍ଡପଡା,୩୦।୧(ଅଜୟ କୁମାର ମହାରଣା)

**ନୀଳମାଧବ ପୂଜକ ସମାଜର କର୍ମକର୍ତ୍ତା ନିର୍ବାଚନ**

ଶ୍ରୀ ନୀଳମାଧବ ଜୀଉ ପୂଜକ ସମାଜର ୨୦୨୫-୨୬ ବର୍ଷ ପାଇଁ ନୂତନ କର୍ମକର୍ତ୍ତା(କାର୍ଯ୍ୟକାରୀ କମିଟି) ନିର୍ବାଚନ ବୁଧବାର ସ୍ଥାନୀୟ ରାସସ୍ଥଳୀ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପୂଜକ ସମାଜର ସଭାପତି ସୀମାଞ୍ଚଳ ମିଶ୍ରଙ୍କ ଅଧକ୍ଷତାରେ ୭୦ରୁ ଊର୍ଦ୍ଧ୍ୱ ସେବାସୀଙ୍କ ଉପସ୍ଥିତିରେ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯିବା ପାଇଁ ଆଲୋଚନା କରାଯାଇଥିଲା। ନିର୍ବାଚନ ଅଧିକାରୀ ରବିନ୍ଦ୍ର ନାଥ ମିଶ୍ର କାର୍ଯ୍ୟ ପରିଚାଳନା କରିଥିଲେ । ୨୦୨୫-୨୬ ବର୍ଷ ପାଇଁ ପୂଜକ ସମାଜର ସଭାପତି ମନୋଜ କୁମାର ମିଶ୍ର, ସମ୍ପାଦକ ହୃଷୀକେଶ ମିଶ୍ର, ଉପ ସଭାପତି ସୀମାଞ୍ଚଳ ମିଶ୍ର,ସହ ସମ୍ପାଦକ ରମାକାନ୍ତ ମିଶ୍ର, କୋଷାଧକ୍ଷ ଚିତ୍ତରଞ୍ଜନ ମିଶ୍ର, ଗ୍ରନ୍ଥାଗାରିକ ଶ୍ରବଣରାମ ମିଶ୍ର ପ୍ରମୁଖ ନିର୍ବାଚିତ ହୋଇଥିବା ଅନୁଷ୍ଠାନର କର୍ମକର୍ତ୍ତା ସୂଚନା ଦେଇଛନ୍ତି।

## ସମ୍ବିଧାନର କର୍ତ୍ତବ୍ୟ,ଅଧିକାର ସଚେତନତା ଶିବିର

ନୟାଗଡ଼,୩୦।୧(ଲୋକନାଥ ମିଶ୍ର)

ସଚିବ ଅଞ୍ଜଳୀ ମଛଖଣ୍ଡଙ୍କ ତତ୍ତ୍ୱାବଧାନରେ ଇନସ୍କାୟାର ମହାବିଦ୍ୟାଳୟ, ନୟାଗଡ଼ ଜିଲା ଆଇନସେବା ପ୍ରାଧିକରଣ ତରଫରୁ ନାଗରିକମାନଙ୍କ ପାଇଁ ସମ୍ବିଧାନରେ ଥିବା କର୍ତ୍ତବ୍ୟ ଓ ଅଧିକାର ସମ୍ବନ୍ଧରେ ଏକ ସଚେତନତା ଶିବିର ନୟାଗଡ଼ର ଏକ ଘରୋଇ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆଇନ ସେବା ପ୍ରାଧିକରଣର ସଚିବ ଅଞ୍ଜଳି ମଛଖଣ୍ଡ ମୁଖ୍ୟଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରମାନଙ୍କୁ ସମ୍ବିଧାନର ୩୨ଧାରାରେ ଥିବା ଆଇନ ବିଧିବ୍ୟବସ୍ଥା ସମ୍ପର୍କରେ ବୁଝାଇଥିଲେ। ଜଣେ ଭାରତୀୟ ନାଗରିକର ୬ଟି ଅଧିକାର ଓ ୧୧କର୍ତ୍ତବ୍ୟରେ କ'ଣ ରହିଛି ଛାତ୍ରଛାତ୍ରୀମାନଙ୍କୁ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ଅଧବକ୍ତା ରମେଶ ଚନ୍ଦ୍ର ମହାରଣା, ଆଇନଜୀବୀ କବିତା ମିଶ୍ର, ସ୍ୱେଚ୍ଛାସେବୀ ଅମନ ମିଶ୍ର ଏବଂ ମହାବିଦ୍ୟାଳୟର ଓଡ଼ିଆ ଅଧାପକ ମାନସ କୁମାର ବଳବନ୍ତରାୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଜିଲା ଆଇନସେବା ପ୍ରାଧିକରଣର ଗ୍ରାମୀଣ ଆଇନ ସଚେତନତା କର୍ମୀ ପ୍ରଫୁଲ୍ଲ କୁମାର ବେହେରା, ମମତା ବେହେରା, ଶୁଭସ୍ମିତା ମିଶ୍ର, ପ୍ରମୋଦ କୁମାର ମହାନ୍ତି, ରମେଶ ଚନ୍ଦ୍ର ବେହେରା ଏବଂ ପ୍ରାଧିକରଣର କର୍ମଚାରୀ ପବନ କୁମାର ବେହେରା, ପ୍ରଶାନ୍ତ କୁମାର ସାହୁ ଏବଂ ରାଜେଶ କୁମାର ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ସୁଶ୍ରୀ ଅର୍ଚ୍ଚନାଙ୍କୁ ଯୁବ ସାହିତ୍ୟ ପ୍ରତିଭା ସମ୍ମାନ


ସୁଶ୍ରୀ ଅର୍ଚ୍ଚନାଙ୍କୁ ଯୁବ ସାହିତ୍ୟ ପ୍ରତିଭା ସମ୍ମାନ ପ୍ରଦାନ କରାଯାଉଛି।

ଶରଣକୁଳ,୩୦।୧ (ଦୀପକ କର)

ନୟାଗଡ଼ ଜିଲାର ବହୁ ପୁରାତନ ସାହିତ୍ୟ ଅନୁଷ୍ଠାନ ସଦାନନ୍ଦ ସାହିତ୍ୟ ପରିଷଦ ଶରଣକୁଳ ପକ୍ଷରୁ ଆୟୋଜିତ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ ୨୮୭ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ସୁଶ୍ରୀ ଅର୍ଚ୍ଚନାଙ୍କୁ ତାଙ୍କ ସାହିତ୍ୟ କୃତି ପାଇଁ ଚଳିତ ବର୍ଷର ମର୍ଯ୍ୟାଦାଜନକ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ଯୁବସାହିତ୍ୟ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଅର୍ଚ୍ଚନାଙ୍କ ସ୍ୱପ୍ନ ଇଲାକା, ଗଳ୍ପ ଇଲାକା ଓ ଜୀବନର ସାରେଗାମା ଆଦି ଗଳ୍ପ ସଙ୍କଳନ ପାଠକୀୟ ସ୍ୱୀକୃତି ହାସଲ କରିଛି । ଦଶପଲ୍ଲା ଗଠନ ପରିବାର ସହ ନିଜକୁ ସାମିଲ କରି ସାହିତ୍ୟ ସାଧନାରେ ଲିପ୍ତଥିବା ଅର୍ଚ୍ଚନା ବହୁ ସମାଜ ସଂସ୍କାରଧର୍ମୀ କବିତା ଲେଖି ବିଭିନ୍ନ ଅନୁଷ୍ଠାନରୁ ପୁରସ୍କୃତ ହୋଇପାରିଛନ୍ତି।

## ରଜୀବ କ୍ରିକେଟ କ୍ଲବ ବିଜୟୀ

ଖଣ୍ଡପଡ଼ା,୩୦।୧(ଅଜୟ କୁମାର ମହାରଣା)

**ବରୁଣେଇ ଟି-୨୦କ୍ରିକେଟ୍ ଟୁର୍ନାମେଣ୍ଟ**

କଣ୍ଟିଲୋ ପଲଟନ ପଡ଼ିଆ ମିନିଷ୍ଟାଡିୟମରେ ସୋମବାରଠାରୁ ଆରମ୍ଭ ହୋଇଥିବା ୧୮ତମ ବରୁଣେଇ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ ଲିଗ୍ ମ୍ୟାଚରେ ରଜିବ କ୍ରିକେଟ କ୍ଲବ ଚମ୍ପେଶ୍ୱର କ୍ରିକେଟ ଟିମକୁ ହରାଇ ବିଜୟୀ ହୋଇଛି । ରଜୀବ ଦଳ ପ୍ରଥମେ ଟସ୍‌ଜିଣିବ୍ୟାଟିଂ କରି ୧୮ ଓଭରରେ ୭ ଉଇକେଟ ହରାଇ ୧୧୮ ରନ ସଂଗ୍ରହ କରିଥିଲା । ଜବାବ୍‌ରେ ଚମ୍ପେଶ୍ୱର ଦଳ ୧୮ ଓଭରରେ ୯ ଉଇକେଟ ବିନିମୟରେ ୧୧୬ ରନ ସଂଗ୍ରହ କରି ପରାଜିତ ହୋଇଥିଲା । ବିଜୟୀ ଦଳର ରାକେଶ କୁମାର ମହାପାତ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଶିବ ନାରାୟଣ ସାହୁ ଓ ବିକାଶ କୁମାର ସାହୁ ଖେଳକୁ ପରିଚାଳନା କରିଥିଲେ । ଶେଷଦେବ ନାୟକ ଓ ସନ୍ତୋଷ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶୁକ୍ରବାର ବାଣପୁର କ୍ରିକେଟ କ୍ଲବ ସହିତ ପଦାମାଳ କ୍ରିକେଟ କ୍ଲବର ମୁକାବିଲା ହେବ ।

## ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରଣପୁର,୩୦।୧ (ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ବିଜ୍ଞପିତ ଅଞ୍ଚଳ ପରିଷଦରେ ଥିବା ମା'ମାଣିନାଗ ଦୁର୍ଗା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ବୁଧବାରଠାରୁ ଆରମ୍ଭ ହୋଇଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛ। ଏହି କାର୍ଯ୍ୟକ୍ରମରେ ଯୁକ୍ତ୨ର ପ୍ରଥମ ବର୍ଷର ୧୨୪ ଜଣ ଛାତ୍ରୀ ସାମିଲ ହୋଇଥିଲେ। ଗତ ୮ ଦିନ ଧରି ସେମାନେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ । ଅଧ୍ୟକ୍ଷା ଡ଼ ସୁକାନ୍ତି ଦେବୀଙ୍କ ସଭାପତିତ୍ୱ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପ୍ରୋଗ୍ରାମ ଅଫିସର ଇଂଲିଶ ବିଭାଗ ଅଧାପିକା ଗୀତାଞ୍ଜଳି ମିଶ୍ର ଉପସ୍ଥିତ ଥିଲେ। ପ୍ରଶିକ୍ଷକା ଜ୍ୟୋତିମୟୀ ଜେନା ଏବଂ ସୋନାଲି ସାଥୁଆ ତାଲିମ ପ୍ରଦାନ କରିଥିଲେ।

## ରାମଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପିତ

ଖଣ୍ଡପଡ଼ା,୩୦।୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି ମୁକ୍ତି ତୀର୍ଥ ତୋଟା ହନୁମାନଙ୍କ ମନ୍ଦିରରେ ଗତ ୨୧ ତାରିଖରୁ ରାମଦୟା ପରିଷଦ ପକ୍ଷରୁ ଆରମ୍ଭ ହୋଇଥିବା ୩୭ତମ ଗୋସ୍ୱାମୀ ତୁଳସୀ ଦାସଙ୍କ ରଚିତ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ୯ଦିନ ଅନୁଷ୍ଠିତ ହୋଇଥିଲା । ମନ୍ଦିର ପରିସରରେ ବ୍ରାହ୍ମଣ ସମାଜ ଦ୍ୱାରା ଅଧିବାସ, ଅଙ୍କୁରାରୋପଣ ଓ ସୂର୍ଯ୍ୟପୂଜା ଆଦି ସମ୍ପନ୍ନ ହୋଇଥିଲା । ଅପରାହ୍ନ ପ୍ରାୟ ସାଢେ ୫ଟାରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଦର୍ଶନ ପାଇଁ ଶ୍ରଦ୍ଧାଳୁ ସମାଗମ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ବିଜୟ କୁମାର ପୃଷ୍ଟି, କର୍ମାଚାର୍ଯ୍ୟ ଗୋବର୍ଦ୍ଧନ ଷଡ଼ଙ୍ଗୀ, ବ୍ୟାସ ସନ୍ୟାସୀ ଦୟାରାମଜୀ ମହାରାଜ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ । ରାମଦୟା ପରିଷଦ ଖଳିସାହିର କର୍ମକର୍ତ୍ତା ଓ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପ୍ରବକ୍ତା ଭାବେ ସୂର୍ଯ୍ୟକାନ୍ତ ରଥ, ବସନ୍ତ କୁମାର ପଣ୍ଡା, ଗୋପାଳ ରାୟଗୁରୁ ଓ ସାଥୀଗଣଙ୍କ ଦ୍ୱାରା ରାମ ଚରିତ ମାନସ ସହିତ ରାମାୟଣର ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରବଚନ ପରିବେଷଣ କରିଥିଲେ । ଉଦ୍‌ଯାପନୀ ଦିବସରେ ରାବଣପୋଡି ଉତ୍ସବ ଦେଖିବାକୁ ପ୍ରାୟ ୫ ହଜାର ଲୋକଙ୍କ ସମାଗମ ହୋଇଥିଲା ।

## ସିନ୍ଦୂରିଆ ବିଦ୍ୟାଳୟରେ ପୁରସ୍କାର ବିତରଣୀ ଉତ୍ସବ

ନୟାଗଡ଼,୩୦।୧ (ଲୋକନାଥ ମିଶ୍ର)

ନୟାଗଡ଼ ସହର ଉପକଣ୍ଠ ସିନ୍ଦୂରିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ତଥା ପୁରସ୍କାର ବିତରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଝୁମୁରୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଜିଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଲେଖିକା ବସିରନ ବିବି ମୁଖ୍ୟବକ୍ତା, ସିନ୍ଦୁରିଆ ସରପଞ୍ଚ ପ୍ରମୋଦ କୁମାର ବେହେରା, ବ୍ୟଙ୍ଗବିଦୂଷ ବ୍ରଜ ବିହାରୀ ସୁବୁଦ୍ଧି, ଆଲୁମିନି ସଭାପତି ଭଗବାନ ଜେନା ଓ ସ୍କୁଲ ପରିଚାଳନା କମିଟି ସଭାପତି ନାରାୟଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସଭାକାର୍ଯ୍ୟକୁ ବରିଷ୍ଠ ସହକାରୀ ଶିକ୍ଷକ ଶେଖ ଅବଦୁଲ ଖାଲିକ ସଂଯୋଜନା କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ଜ୍ୟୋର୍ତିମୟୀ ରାଉତ, ସ୍ୱପ୍ନାରାଣୀ ନନ୍ଦ ଓ ମସୁମ ଜହାନ ସହଯୋଗ କରିଥିଲେ। ପରେ ସହକାରୀ ଶିକ୍ଷୟିତ୍ରୀ ସୁଷମା ବିଶ୍ୱାଳଙ୍କ ସଂଯୋଜନାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏଥିରେ ସହକାରୀ ଶିକ୍ଷକ ସଲିମ ଇବ୍ରାହିମ ଓ ତ୍ରିପୁରା ସେଠୀ ସହଯୋଗ କରିଥିଲେ । ସହକାରୀ ଶିକ୍ଷୟିତ୍ରୀ ମଧୁସ୍ମିତା ସାହୁ ଧନ୍ୟବାଦ ଦେଇଥିଲେ।

## ରାଶନ କାର୍ଡ ପାଇଁ ଦାବିପତ୍ର

ଗଣିଆ,୩୦।୧(ସନ୍ତୋଷ କୁମାର ପ୍ରଧାନ)


ଗୃହରକ୍ଷୀମାନେ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଗଣିଆ ଥାନାରେ କାର୍ଯ୍ୟରତ ଗୃହରକ୍ଷୀମାନଙ୍କୁ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବାକୁ ଗୁରବାର ଗଣିଆ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । କାର୍ଯ୍ୟରତ ଗୃହରକ୍ଷୀମାନେ ସ୍ଥାୟୀ ସରକାରୀ ଚାକିରିଆ ହୋଇ ନ ଥିବା ବେଳେ ଦୈନିକ ମଜୁରୀଆ ଭାବେ କାମ କରିଆସୁଛନ୍ତି। ଗୃହରକ୍ଷୀମାନେ ସରକାରୀ ଚାକିରିଆ ହୋଇ ନ ଥିବା ବେଳେ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇ ନ ଥିବାରୁ ରାଶନ କାର୍ଡରେ ମିଳୁଥିବା ବିଭିନ୍ନ ସରକାରୀ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି । କାର୍ଯ୍ୟରତ ସମସ୍ତ ଗୃହରକ୍ଷୀମାନଙ୍କୁ ରାଶନ କାର୍ଡ ପ୍ରଦାନ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ।

## ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନକଲେ ବିଧାୟକ

ଖଣ୍ଡପଡ଼ା,୩୦।୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ଏକାଧିକ ସ୍ଥାନରେ ଗୁରୁବାର କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ । ବ୍ଲକ ଅଧୀନ ବଳଭଦ୍ରପ୍ରସାଦ ଅଞ୍ଚଳରେ ୪୬ ଲକ୍ଷ ଟଙ୍କା ବ୍ୟୟରେ ନୂତନ ଆଡିବନ୍ଧ ନିର୍ମାଣ, ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟ୍ଟକଳରେ କୋସକା ପଞ୍ଚାୟତ ଅଧୀନ କୋସକା କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର, ୧.୬୦ କୋଟି ଟଙ୍କା ବ୍ୟୟରେ କିଆଝର ପଞ୍ଚାୟତ ଅଧୀନ ଗୋଚ୍ଛାବାରୀ ନିକଟ ମୋଡାନାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଓ ସିଘାଂପଡା ପଞ୍ଚାୟତରେ ଥିବା ମୋଡାନାଳ ପ୍ରକଳ୍ପର ପୁନରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି କାମ ସରିବା ପରେ ସ୍ଥାନୀୟ ଚାଷୀଙ୍କୁ ଜଳସେଚନ ସୁବିଧା ଯୋଗାଇ ପାରିବ ବୋଲି କ୍ଷୁଦ୍ର ଜଳସେଚନ ବିଭାଗ କନିଷ୍ଠଯନ୍ତ୍ରୀ ମରୟର ଚନ୍ଦ୍ରିକା ସାମଲଙ୍କ ଠାରୁ ପ୍ରକାଶ । ଏହି କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂହ ଯୋଗଦେଇଥିଲେ ।

## ଗୋଡ଼ିପଡ଼ାରେ କ୍ୟାମ୍ପକୋର୍ଟ

ନୟାଗଡ,୩୦।୧ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ଗୋଡିପଡ଼ା ପଞ୍ଚାୟତରେ ଓଡ଼ଗାଁ ଗ୍ରାମ୍ୟ ନ୍ୟାୟାଳୟ ପକ୍ଷରୁ କ୍ୟାମ୍ପ କୋର୍ଟ ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି। କ୍ୟାମ୍ପ କୋର୍ଟରେ ୧୦ କେଶ ପୋଷ୍ଟିଂ କରାଯାଇ ୨୫ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ୧୦ କେଶରୁ ୨ କେଶର ସମାଧାନ ହୋଇଛି। ଗ୍ରାମ ନ୍ୟାୟଧିକାରୀ ସୌମ୍ୟଶ୍ରୀ ମହାପାତ୍ର ମୋକଦ୍ଦମାର ବିଚାର କରିଥିଲେ। ସରକାରଙ୍କ ପକ୍ଷରୁ ଓକିଲ ରାଣୀ ସସ୍ମିତା, ପ୍ରମୋଦ କୁମାର ବିଶ୍ୱାଳ ମୋକଦ୍ଦମା ପରିଚାଳନା କରିଥଲେ। ମୁଦାଲାଙ୍କ ପକ୍ଷରୁ ଓକିଲ ରବି ନାରାୟଣ ବରାଡ, ଅମରେନ୍ଦ୍ର ସ୍ୱାଇଁ, ବସନ୍ତ କୁମାର ମହାନ୍ତି ମୋକଦ୍ଦମା ପରିଚାଳନା କରିଥିଲେ। ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ ଓ ସମିତି ସଭ୍ୟ ସସ୍ମିତା ମହାନ୍ତି ସହଯୋଗ କରିଥିଲେ।

## ସେମିଫାଇନାଲରେ ଫୁଲବାଣୀ

**ଗଣିଆ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ**

ଗଣିଆ,୩୦।୧( ସନ୍ତୋଷ କୁମାର ପ୍ରଧାନ)


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳୀ

କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ମହାବୀର ସାଂସ୍କୃତିକ ପରିଷଦର ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ବିଜୟ ରାଉଳ ମେମୋରିଆଲ ଗଣିଆ କପ୍ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ପ୍ରଥମ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ମେମୋରୀ ଏଫ୍ ସି କୋଲକାତା ବନାମ ସ୍ପୋର୍ଟ୍ସ ହଷ୍ଟେଲ ଫୁଲବାଣୀ ମଧ୍ୟରେ ଏହି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧରେ ଫୁଲବାଣୀ ଟିମ୍‌ର ୫ନଂ.ଖେଳାଳୀ ଖେଳଆରମ୍ଭର ୨୭ ମିନିଟରେ ପ୍ରଥମ ଗୋଲ ସ୍କୋର କରିଥିଲେ । ପରେ କୋଲକାତା ଟିମର ଜର୍ସି ନମ୍ବର ୦୧ ଦେଓ ଶର୍ମା ମାର୍ଡି ଗୋଲ ସ୍କୋର କରି ସ୍ଥିତି ବରାବର କରିଥିଲେ । ପରେ ଦ୍ୱିତୀୟାର୍ଦ୍ଧର ଫୁଲବାଣୀ ଟିମର ଶମ୍ଭୁନାଥ ମାଝୀ ଆଉ ଗୋଟିଏ ସ୍କୋର କରି ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ସେମି ଫାଇନାଲକୁ ପ୍ରବେଶ କରିଥିଲା । ଶୁକ୍ରବାର ଅନୁଗୋଳ ବନାମ ସ୍ପୋର୍ଟ୍ସ ହଷ୍ଟେଲ ଫୁଲବାଣୀ ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । ଆଜିର ମ୍ୟାଚ୍‌ରେ ରେଫରି ଭାବେ ସୁଜିତ କୁମାର ପାତ୍ର ପରିଚାଳନା କରିଥିବାବେଳେ ଦିଲ୍ଲୀପ କୁମାର ରାଉତ, ଶିବପ୍ରସାଦ ସାମନ୍ତରାୟ ଓ ଶୁଭ୍ରଜିତ ଦଳବେହେରା ସହଯୋଗ କରିଥିଲେ । ମହାବୀର ସାଂସ୍କୃତିକ ପରିଷଦର ସାଂସ୍କୃତିକ ସମ୍ପାଦକ ଦେବୀ ପ୍ରସାଦ ଦାଶ ମଞ୍ଚ ପରିଚାଳନା କରିଥିଲେ । ମହାବୀର ସାଂସ୍କୃତିକ ପରିଷଦର ସମସ୍ତ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ନୀଳମାଧବ ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଖଣ୍ଡପଡ଼ା,୩୦।୧ (ଅଜୟ କୁମାର ମହାରଣା)


ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଛାତ୍ରୀଛାତ୍ର।

ବୁଧବାର ଓ ଗୁରୁବାର ୨ ଦିନ ନୀଳମାଧବ ମହାବିଦ୍ୟାଳୟର ୪୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇ ଯାଇଛି। ବୁଧବାର ଛାତ୍ରୀଛାତ୍ରମାନେ ନୀଳମାଧବଙ୍କ ନିକଟରୁ ଆସିଥିବା କ୍ରୀଡ଼ା ଜ୍ୟୋତିକୁ ମହାବିଦ୍ୟାଳୟର ଅଧକ୍ଷ ରଣଜିତ କୁମାର ତ୍ରିପାଠୀ, କ୍ରୀଡା ସଂସଦର ମୁଖ୍ୟ ଅଧାପକ କାଶୀନାଥ ସୁବୁଦ୍ଧି ଓ ସହକାରୀ ଅଧାପକ ପ୍ରଭାତ କୁମାର ବେହେରା, କ୍ରୀଡା ଶିକ୍ଷକ ଅଶୋକ କୁମାର ବେହେରାଙ୍କ ସମେତ ଅନୁଷ୍ଠାନର ଶିକ୍ଷୟତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ସ୍ୱାଗତ କରିଥିଲେ । କ୍ରୀଡା ପତାକାକୁ ଅଧକ୍ଷ ତ୍ରିପାଠୀ ଉତ୍ତୋଳକରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ୨ ଦିନ ବ୍ୟାପୀ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ କଲେଜ ବାର୍ଷିକ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ। ଅନୁଷ୍ଠାନର କ୍ରୀଡା ସଂସଦର ମୁଖ୍ୟ ସୁବୁଦ୍ଧି, ପ୍ରଫେସର ବେହେରା, କ୍ରୀଡା ଶିକ୍ଷକ ବେହେରା, ଅଧାପକ ଡ. ଅଶୋକ ପାତ୍ର, ସୁଜଳ ମହାରଣା, ସରୋଜ କୁମାର ମିଶ୍ର, ନିରୋଦ କୁମାର ମନ୍ତ୍ରୀ, ଅଧାପିକା ଜୟଶ୍ରୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷ ତ୍ରିପାଠୀ, ପ୍ରାଧ୍ୟାପକ ପ୍ରଭାତ ବେହେରା, ସୁଜଳ କୁମାର ମହାରଣା, ଅଶୋକ ପାତ୍ର, ନିରୋଦ କୁମାର ମନ୍ତ୍ରୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନେ ଅଧୟନ ସହ କ୍ରୀଡା ନିପୁଣତା ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଷ୍ଟାଫମାନଙ୍କ ମଧରେ ମ୍ୟୁଜିକ ଚେୟାର ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ପରେ ଧ୍ୱଜା ଅବତରଣ ସହ କ୍ରୀଡା ସମାପ୍ତି ଘୋଷଣା କରାଯାଇଥିଲା ।

